ଶିକ୍ଷାବିଭାଗର ପରିବର୍ତ୍ତିତ ସିଲବସ୍ ଅନୁସାରେ ଲିଖିତ

### ଉଚ୍ଚ ପ୍ରାଥମିକ

# ମୁଗ୍ଧବୋଧ ବ୍ୟାକରଣ

## (ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ନିମନ୍ତେ)

ପୁସ୍ତକଲେଖକ—

**ପଣ୍ଡିତ ରାମଚନ୍ଦ୍ର ମହାପାତ୍ର**, ବ୍ୟାକରଣାଚାର୍ଯ୍ୟ

ହେଡ୍‌ପଣ୍ଡିତ, ରାଣୀହାଟ ହାଇସ୍କୁଲ, କଟକ

**ପଣ୍ଡିତ ଗଦାଧର ମହାପାତ୍ର**

ତୃତୀୟ ସଂସ୍କରଣ

୧୯୫୭

ପ୍ରକାଶକ

**ଦାସ ବ୍ରଦର୍ସ**

ବ୍ରହ୍ମପୁର : କଟକ : ସମ୍ବଲପୁର

ମୂଲ୍ୟ ଆଠ ଅଣା ମାତ୍ର (ପଚାଶ ନୂଆ ପଇସା)

# ସୁଖବୋଧ ବ୍ୟାକରଣ

## ବର୍ଣ୍ଣମାଳା

ଓଡ଼ିଆ ଭାଷାରେ ଅ, ଆ, କ, ଖ ପ୍ରଭୃତି କେତେଗୁଡ଼ିଏ **ବର୍ଣ୍ଣ** ବା ଅକ୍ଷର ବ୍ୟବହୃତ ହୁଏ । ସେମାନଙ୍କ ମଧ୍ୟରୁ ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, ଏ, ଐ, ଓ, ଔ—ଏହି ତେରଟିକୁ ଅନ୍ୟ କୌଣସି ବର୍ଣ୍ଣର ସାହାଯ୍ୟ ନ ନେଇ ଉଚ୍ଚାରଣ କରାଯାଇପାରେ । ଏହି ତେରଟିକୁ **ସ୍ୱରବର୍ଣ୍ଣ** କୁହାଯାଏ ।

**ଅନ୍ୟ କୌଣସି ବର୍ଣ୍ଣର ସାହାଯ୍ୟ ବିନା ଯେଉଁ ବର୍ଣ୍ଣ ଉଚ୍ଚାରିତ ହୁଏ, ତାହାକୁ ସ୍ୱରବର୍ଣ୍ଣ କହନ୍ତି ।**

କ୍, ଖ୍, ଗ୍, ଘ୍, ଙ୍, ଚ୍, ଛ୍, ଜ୍, ଝ୍, ଞ୍, ଟ୍, ଠ୍, ଡ୍, ଢ୍, ଣ୍, ତ୍, ଥ୍, ଦ୍, ଧ୍, ନ୍, ପ୍, ଫ୍, ବ୍, ଭ୍, ମ୍, ଯ୍, ର୍, ଳ, ଵ୍, ଶ୍, ଷ୍, ସ୍, ହ୍, ଂ, ଃ, ँ—ଏହି ଛତିଶଟି ବର୍ଣ୍ଣ ସ୍ୱରବର୍ଣ୍ଣର ସାହାଯ୍ୟ ବିନା ଉଚ୍ଚାରିତ ହୋଇପାରେ ନାହିଁ ।

**ଯେଉଁ ବର୍ଣ୍ଣ ସ୍ୱରବର୍ଣ୍ଣର ବିନା ସାହାଯ୍ୟରେ ଉଚ୍ଚାରିତ ହୋଇପାରେ ନାହିଁ, ତାହାକୁ ବ୍ୟଞ୍ଜନବର୍ଣ୍ଣ କହନ୍ତି ।**

ସ୍ୱରବର୍ଣ୍ଣ ତେର ଏବଂ ବ୍ୟଞ୍ଜନ ବର୍ଣ୍ଣ ଛତିଶ, ଏପରି ଓଡ଼ିଆ ଭାଷାରେ ବର୍ଣ୍ଣ ଅଣଚାଶଟି ।

ସ୍ୱରବର୍ଣ୍ଣ ଦୁଇ ପ୍ରକାର—**ହ୍ରସ୍ୱସ୍ୱର** ଓ **ଦୀର୍ଘସ୍ୱର** ।

ଅ, ଇ, ଉ, ଋ, ଌ, ଏଗୁଡ଼ିକ ହ୍ରସ୍ୱସ୍ୱର ।

ଆ, ଈ, ଊ, ୠ, ଏ, ଐ, ଓ, ଔ, ଏଗୁଡ଼ିକ ଦୀର୍ଘସ୍ୱର ।

ବ୍ୟଞ୍ଜନବର୍ଣ୍ଣମାନଙ୍କୁ ପାଞ୍ଚୋଟି ବର୍ଗରେ ବିଭକ୍ତ କରାଯାଏ ।

କ୍, ଖ୍, ଗ୍, ଘ୍, ଙ୍, ଏହି ପାଞ୍ଚଗୋଟି 'କ' ବର୍ଗ ।

ଚ୍, ଛ୍, ଜ୍, ଝ୍, ଞ୍, ଏହି ପାଞ୍ଚଗୋଟି 'ଚ' ବର୍ଗ ।

ଟ୍, ଠ୍, ଡ୍, ଢ୍, ଣ୍, ଏହି ପାଞ୍ଚଗୋଟି 'ଟ' ବର୍ଗ ।

ତ୍, ଥ୍, ଦ୍, ଧ୍, ନ୍, ଏହି ପାଞ୍ଚଗୋଟି 'ତ' ବର୍ଗ ।

ପ୍, ଫ୍, ବ୍, ଭ୍, ମ୍, ଏହି ପାଞ୍ଚଗୋଟି 'ପ' ବର୍ଗ ।

ଏହି ପଚିଶଟି ବର୍ଣ୍ଣକୁ ବର୍ଗ୍ୟ ବର୍ଣ୍ଣ ବା ସ୍ପର୍ଶ ବର୍ଣ୍ଣ ବୋଲଯାଏ ।

ଯ ଠାରୁ ँ ( ଚନ୍ଦ୍ରବିନ୍ଦୁ ) ପର୍ଯ୍ୟନ୍ତ ଏଗାରଟିକୁ ଅବର୍ଗ୍ୟ ବର୍ଣ୍ଣ ବୋଲଯାଏ । ବ୍ୟଞ୍ଜନବର୍ଣ୍ଣ ଦୁଇ ଭାଗରେ ବିଭକ୍ତ; ଯଥା—ବର୍ଗ୍ୟ ବର୍ଣ୍ଣ ଓ ଅବର୍ଗ୍ୟ ବର୍ଣ୍ଣ ।

## ପ୍ରଶ୍ନ

୧ । ଓଡ଼ିଆ ଭାଷାରେ ବର୍ଣ୍ଣ କେତୋଟି ?

୨ । ସ୍ୱରବର୍ଣ୍ଣ କେତେ ପ୍ରକାର ?

୩ । କ୍, ଙ୍, ଠ୍, ଧ୍, ଯ୍, ଶ୍, ହ୍, ଏମାନଙ୍କ ମଧ୍ୟରୁ କିଏ କି ବର୍ଣ୍ଣ ଚିହ୍ନାଇ ଦିଅ ?

## ଶବ୍ଦ

'ଆ' କହିଲେ ଆସିବା କାର୍ଯ୍ୟକୁ ବୁଝାଯାଉଛି । 'ବ' କହିଲେ ବସିବା କାର୍ଯ୍ୟକୁ ବୁଝାଯାଉଛି । 'ରଘୁ' କହିଲେ ଜଣେ ଲୋକର ନାମ ବୁଝାଉଛି । 'ସୁନ୍ଦର' କହିଲେ ଗୋଟିଏ ଗୁଣ ବୁଝାଯାଉଛି । 'ଗୋରୁ' କହିଲେ ଗୋଟିଏ ପ୍ରକାର ଜୀବକୁ ବୁଝାଯାଉଛି । ତେଣୁ ଆ, ବ, ରଘୁ, ସୁନ୍ଦର ଏବଂ ଗୋରୁ ଏ ସମସ୍ତଙ୍କର କିଛି ନା କିଛି ଅର୍ଥ ଅଛି ଓ ସେଗୁଡ଼ିକ ମଧ୍ୟରୁ କେହି ଗୋଟିଏ ବର୍ଣ୍ଣ ଦ୍ୱାରା, କେହିବା ଏକରୁ ଅଧିକ ବର୍ଣ୍ଣଦ୍ୱାରା ଗଢ଼ା ହୋଇଅଛନ୍ତି; ତେଣୁ ଏଗୁଡ଼ିକୁ **ଶବ୍ଦ** କହନ୍ତି ।

**ଏକ ବା ଏକାଧିକ ବର୍ଣ୍ଣ ମିଳି କୌଣସି ଅର୍ଥ ପ୍ରକାଶ କଲେ ତାକୁ ଶବ୍ଦ କହନ୍ତି ।**

### ପ୍ରଶ୍ନ

୧ । ଗୋଟିଏ ଅକ୍ଷରରେ ଗଢ଼ା ଯାଇଥିବା ଦୁଇଗୋଟି ଶବ୍ଦ କହ ?

୨ । ଅ, ର, କ, ଛ, ଲ, ଫ, ଜ, ମ, ଏହି ବର୍ଣ୍ଣମାନଙ୍କୁ ନେଇ କେତେଗୋଟି ଶବ୍ଦ ଗଢ଼ ଏବଂ ସେଗୁଡ଼ିକର ଅର୍ଥ କହ ?

୩ । ଖଂଙ୍, ଛଠ୍, ଉଜ୍, ଫୁବ୍ ଏଗୁଡ଼ିକୁ ଶବ୍ଦ କୁହାଯିବ କି ନାହିଁ, କାରଣ ଦେଇ ବୁଝାଇ ଦିଅ ।

---

## ବାକ୍ୟ

(୧) ପିଲାଟି ଖେଳୁଅଛି । (୨) ବହି ଖଣ୍ଡିକ ପଢ଼ । (୩) କେଉଟ ମାଛ ଧରୁଅଛି । ଏହି ତିନୋଟି ବାକ୍ୟ ମଧ୍ୟରୁ

ପ୍ରତ୍ୟେକରୁ ମନର କଥା ସମ୍ପୂର୍ଣ୍ଣ ବୁଝାଉଛି, ତେଣୁ ଏଗୁଡ଼ିକ ଗୋଟିଏ ଗୋଟିଏ **ବାକ୍ୟ ।**

**ଯହିଁରୁ ମନର କଥା ସମ୍ପୂର୍ଣ୍ଣ ବୁଝାଯାଏ, ତାହାକୁ ବାକ୍ୟ କହନ୍ତି ।**

୧ । କେଉଁଠି ମାଛ ।

୨ । ବହି ଖଣ୍ଡିକ ।

ପ୍ରଥମ ଉଦାହରଣରୁ କିମ୍ବା ଦ୍ୱିତୀୟ ଉଦାହରଣରୁ ମନର ଭାବ ପୂର୍ଣ୍ଣ ପ୍ରକାଶିତ ହେଉନାହିଁ । 'କେଉଁଠି ମାଛ' କହିଲେ ମନରେ ଏହି ପ୍ରଶ୍ନ ଆସେ "କେଉଁଠି ମାଛ—କଅଣ କଲ ?" ଦ୍ୱିତୀୟ ଉଦାହରଣରେ ଏହି ପ୍ରଶ୍ନ ଆସେ "ବହି ଖଣ୍ଡିକ—କଅଣ ?" ତେଣୁ ଏଗୁଡ଼ିକ ବାକ୍ୟ ନୁହେଁ ।

## ପ୍ରଶ୍ନ

୧ । କେଉଁଗୁଡ଼ିକ ବାକ୍ୟ ଏବଂ କେଉଁଗୁଡ଼ିକ ବାକ୍ୟ ନୁହେଁ ତାହା ଚିହ୍ନାଇ ଦିଅ ।

(କ) ଘୋଡ଼ା ଦୌଡ଼ୁଛି । (ଖ) ଉଷା ଗୋଟିଏ । (ଗ) ଆସ ଆମେ ଖେଳିବା । (ଘ) ଆଜି ସଭା । (ଙ) ଚନ୍ଦ୍ର ଉଇଁଲେଣି । (ଚ) ତାକୁ ଦେଖିବା । (ଛ) ମୁଁ ଦେଖିବ । (ଜ) କାଲି ଜଣେ ପିଲା ଗୁଡ଼ିଆଠାରୁ । (ଝ) ଗୃହଗୋଟି ଛେଳି ପଡ଼ିଆରେ ଚରୁଥିଲେ । (ଞ) ସାଆନ୍ତେ ମଲେ ଖାଇବ ।

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ଆଜି—ତପର ହେଉଛି । (୨) ଆଜିଠାରୁ—ବାର୍ଷିକ—ଆରମ୍ଭ ହେବ । (୩) ତୁଳସୀ—ବାସେ—ଦିନ୍ତରୁ—ହୁଏ । (୪) ମୁଁ ବଲ—ଜାଣେ । (୫)—ଗାଈ—ମିଠା

ଲାଗେ । (୬) ପ୍ରତି—ବର୍ଷରେ ଥରେ—ହେବ । (୭) ଓଡ଼ିଶାର—ଠାରେ—କାରଖାନା ଚାଲୁଛି । (୮) ରାସ୍ତାରେ ସବଦା—ଫଟକୁ—ଚାଲ । (୯)—ମାସରେ ବେଶୀ ଗରମ —। (୧୦) ବାପା—ମାଆଙ୍କ—ସବୁବେଳେ ମାନ ।

---

## ପଦ

୧ । କୁକୁର ଭୁକୁଅଛି ।

୨ । ରମା ବୋଉକୋଳରେ ଝିଲୁଥିଲା ।

୩ । ଆମ ସ୍କୁଲର ନାମ କଅଣ ?

ପ୍ରଥମ ବାକ୍ୟରେ ଦୁଇଟି, ଦ୍ୱିତୀୟ ବାକ୍ୟରେ ତିନୋଟି ଏବଂ ତୃତୀୟ ବାକ୍ୟରେ ଚାରୋଟି ଅଂଶ ଅଛି । ଏହି ଅଂଶଗୁଡ଼ିକୁ **ପଦ** କହନ୍ତି ।

**ବାକ୍ୟର ଅଂଶକୁ ପଦ କହନ୍ତି ।**

ପଦ ପାଞ୍ଚପ୍ରକାର । ଯଥା—ବିଶେଷ୍ୟ, ସର୍ବନାମ, କ୍ରିୟା, ବିଶେଷଣ ଓ ଅବ୍ୟୟ ।

## ପ୍ରଶ୍ନ

୧ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବାକ୍ୟରେ କେତୋଟି ଲେଖାଏଁ ପଦ ଅଛି ଚିହ୍ନାଇଦିଅ ।

ତୋ ଗୁରୁଙ୍କୁ ଦଣ୍ଡବତ । ବିଦ୍ୟାଧନକୁ ଚୋର ଚୋରି କରିପାରେ ନାହିଁ । ସୀତା ଲକ୍ଷ୍ମଣଙ୍କର ଭାଉଜବୋହୂ । ପୁରୀ ଗୋଟିଏ ଧର୍ମକ୍ଷେତ୍ର ଅଟେ । ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ।

୨ । 'କ' ଚିହ୍ନିତ ଅଂଶଗୁଡ଼ିକ ମଧ୍ୟରୁ 'ଖ' ଚିହ୍ନିତ ଅଂଶମାନଙ୍କ ସହଯୋଗରେ ବାକ୍ୟ ରଚନା କରି ପ୍ରକୃତ ଅର୍ଥ ପ୍ରକାଶ କର ।

(କ) ପୂର୍ଣ୍ଣିମା ଦିନ, ଅମାବାସ୍ୟା ଦିନ, ଓଡ଼ିଶାର ଜନସଂଖ୍ୟା, କଟକ ସହରରେ, କୋଣାର୍କ ମନ୍ଦିର ।

(ଖ) ସୂର୍ଯ୍ୟ ପରାଗ ହୁଏ, ଦେଢ଼ କୋଟି ଅଛେ, ଚନ୍ଦ୍ରଗ୍ରହଣ ହୁଏ, ବାରବାଟି ଅବସ୍ଥିତ, ଲାଙ୍ଗୁଳା ନରସିଂହ ଦେବ କରାଇଥିଲେ ।

---

# ବିଶେଷ୍ୟ

(୧) "ରାମ ସୁନା ବିକୁଅଛି" ଏ ବାକ୍ୟରେ **ରାମ** ଗୋଟିଏ ବ୍ୟକ୍ତିକୁ ଏବଂ **ସୁନା** ଗୋଟିଏ ପଦାର୍ଥକୁ ବୁଝାଉଅଛି ।

(୨) "ସୁନା ଲୁହାଠାରୁ ମୂଲ୍ୟବାନ୍" ଏ ବାକ୍ୟରେ **ସୁନା** ଓ **ଲୁହା** ଗୋଟିଏ ଗୋଟିଏ ବସ୍ତୁକୁ ବୁଝାଉଛି ।

(୩) "କୁକୁଡ଼ା ପାଳ" ଏ ବାକ୍ୟରେ **କୁକୁଡ଼ା** କୌଣସି ଗୋଟିଏ କୁକୁଡ଼ାକୁ ବୁଝାଉ ନାହିଁ, କୁକୁଡ଼ା ଜାତିକୁ ବୁଝାଉଅଛି ।

(୪) "ତାଙ୍କଠାରେ ଦୟା ନାହିଁ" ଏ ବାକ୍ୟରେ **ଦୟା** ଗୋଟିଏ ଗୁଣକୁ ବୁଝାଉଅଛି ।

(୫) "ବସିବାଠାରୁ କାଶିବା ଭଲ" ଏ ବାକ୍ୟରେ **ବସିବା, କାଶିବା** ଗୋଟିଏ ଗୋଟିଏ କାର୍ଯ୍ୟକୁ ବୁଝାଉଅଛି ।

**ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ ନାମକୁ ବୁଝାଏ, ତାହାକୁ ବିଶେଷ୍ୟ କହନ୍ତି ।**

ବିଶେଷ୍ୟ ପାଞ୍ଚ ପ୍ରକାର; ଯଥା:—ବ୍ୟକ୍ତି, ବସ୍ତୁ, ଜାତି, ଗୁଣ ଓ କ୍ରିୟାବାଚକ ।

୧ । ଯେଉଁ ପଦ କୌଣସି ବ୍ୟକ୍ତି ବା ସ୍ଥାନର ନାମକୁ ବୁଝାଏ ତାହାକୁ **ବ୍ୟକ୍ତିବାଚକ ବିଶେଷ୍ୟ** କହନ୍ତି ।

ଯଥା:—କପିଳାସ, ଶିବ, ଓଡ଼ିଶା, ହୀରାକୁଦ, ରାଉରକେଲା ।

୨ । ଯେଉଁ ପଦ କୌଣସି ବସ୍ତୁ ବା ପଦାର୍ଥର ନାମକୁ ବୁଝାଏ ତାହାକୁ **ବସ୍ତୁବାଚକ ବିଶେଷ୍ୟ** କହନ୍ତି ।

ଯଥା:—ଗହମ, ଘିଅ, ଚିନି, ଲୁହା ।

୩ । ଯେଉଁ ପଦ କୌଣସି ଜାତିକୁ ବୁଝାଏ, ତାକୁ **ଜାତିବାଚକ ବିଶେଷ୍ୟ** କହନ୍ତି ।

ଯଥା:—କୁକୁଡ଼ା, ମନୁଷ୍ୟ, ଓଡ଼ିଆ, ବଙ୍ଗାଳୀ, ଗଛ ।

୪ । ଯେଉଁ ପଦ କୌଣସି ଗୁଣ, ସଂଖ୍ୟା ବା ଅବସ୍ଥାକୁ ବୁଝାଏ ତାହାକୁ **ଗୁଣବାଚକ ବିଶେଷ୍ୟ** କହନ୍ତି ।

ଯଥା:—ଦୟା, ଠକାମି, ସୌନ୍ଦର୍ଯ୍ୟ, କ୍ଷମା, ଦ୍ୱିତ୍ୱ, ବାଲ୍ୟ, ଶୈଶବ ।

୫ । ଯେଉଁ ପଦ କୌଣସି କାର୍ଯ୍ୟର ନାମକୁ ବୁଝାଏ, ତାହାକୁ **କ୍ରିୟାବାଚକ ବିଶେଷ୍ୟ** କହନ୍ତି ।

ଯଥା:—ପିବା, ବିକ୍ରୀ, ପଠନ, ନାଚ, ଯୁଦ୍ଧ ।

## ପ୍ରଶ୍ନ

୧ । ବିଶେଷ୍ୟ କେତେ ପ୍ରକାର ?

୨ । ନିମ୍ନଲିଖିତ ପଦମାନଙ୍କ ମଧ୍ୟରୁ କିଏ କି ପ୍ରକାର ବିଶେଷ୍ୟ ଚିହ୍ନାଇ ଦିଅ ।

ଧାନବନ୍ଧ, ନୃତ୍ୟ, ଲୁହା, ସିମେଣ୍ଟ, ବଣି, ମଣିଷପଣିଆ, ବସାଉଠା, ଶୈଶବ, ଦୟା, ଭାର୍ଗବୀ, ଚିତ୍ରକୂଟ, ଗୋରୁ, ପାଗଳାମି, ଦୁଃଖ, ଭାଲୁ, ବହି, କଲମ, ଦୁଆର, ଖଣ୍ଡଗିରି,

ଝରବାଟିଆ, କେଦାରଗୌରୀ, ବନ, ପର୍ବତ, ହାଣ୍ଡି, ଦେଉଳ, ପୂଜାରୀ, ମହାଭାରତ ।

୩ । ଦୁଇ ଦୁଇ ପ୍ରକାର ବିଶେଷ୍ୟ ପଦ ଦେଇ ତିନୋଟି ବାକ୍ୟ ଲେଖ ।

୪ । ନିମ୍ନଲିଖିତ ବାକ୍ୟମାନଙ୍କ ମଧ୍ୟରୁ ପ୍ରତ୍ୟେକ ବାକ୍ୟରୁ ବିଶେଷ୍ୟ ପଦଗୁଡ଼ିକୁ ବାଛି କିଏ କି ପ୍ରକାର ବିଶେଷ୍ୟ କାରଣ ସହ ଚିହ୍ନାଇ ଦିଅ ।

(କ) କିଏ ଜାଣିଥିଲା ସାରୁ ଭିତରେ ମାଛ ଅଛି, (ଖ) ରାମଙ୍କ ଗାଈଟି ଭଲ ଦୁଧ ଦିଏ, (ଗ) ଆମ ଶ୍ରେଣୀରେ ମଧୁ ପ୍ରଥମ ଓ ରାଧୁ ଦ୍ୱିତୀୟ ଅଟନ୍ତି, (ଘ) ଆଜିକାଲି ଦୟା, ସରଳତା ପ୍ରଭୃତି ଉଭେଇ ଗଲଣି, (ଙ) ସୁନା ଓ ଲୁହା ମଧ୍ୟରେ କେଉଁଟି ବେଶୀ ଉପକାରୀ ? (ଚ) ବାଘ ଭାଲୁଙ୍କଠାରୁ ମନୁଷ୍ୟ ଅଧିକ ହିଂସ୍ର ଅଟେ, (ଛ) ଲୋକର ସେଠାକୁ ଯିବା ଆସିବା ନାହିଁ ।

---

# ସର୍ବନାମ

ହରିଶ୍ଚନ୍ଦ୍ର ଜଣେ ରାଜା ଥିଲେ । **ସେ** ବଡ଼ ଦାନୀ ଏବଂ ଧାର୍ମିକ । **ମୁଁ** ମନ୍ତ୍ରୀ ହେବି । **ତୁମେ** କୃଷି କାମ ଜାଣ କି ? **କିଏ** ଏଠାକୁ ଆସୁଛି ? **ଯାହାର** ଲୁଣ ଖାଅ **ତାହାର** ଗୁଣ ଗାଅ ।

ପ୍ରଥମ ବାକ୍ୟରେ 'ହରିଶ୍ଚନ୍ଦ୍ର' ଗୋଟିଏ ବିଶେଷ୍ୟ ପଦ । ଦ୍ୱିତୀୟ ବାକ୍ୟରେ 'ସେ' ଏହି ପଦଟି ହରିଶ୍ଚନ୍ଦ୍ରଙ୍କୁ ବୁଝାଉଛି । ତୃତୀୟ ବାକ୍ୟରେ 'ମୁଁ' ଓ ଚତୁର୍ଥ ବାକ୍ୟରେ 'ତୁମେ' ଏହି ଦୁଇଟି ପଦ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷକୁ ବୁଝାଉଛି । କିନ୍ତୁ ପଞ୍ଚମ ବାକ୍ୟରେ 'କିଏ' ଏବଂ ଷଷ୍ଠ ବାକ୍ୟରେ 'ଯାହାର', 'ତାହାର' କୌଣସି ଅନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ବୁଝାଉଅଛି ।

**ଯେଉ ପଦ କୌଣସି ବିଶେଷ୍ୟ ପଦ ପରିବର୍ତ୍ତରେ ବ୍ୟବହୃତ ହୁଏ, ତାହାକୁ ସର୍ବନାମ କହନ୍ତି ।**

## ପ୍ରଶ୍ନ

୧ । ସର୍ବନାମ ଶବ୍ଦ ଦେଇ ଶୂନ୍ୟସ୍ଥାନ ପୂରଣ କର ।

ହରିବାବୁଙ୍କ ପୁଅ ବିନୋଦ । —ଭଲ ପଢେ । — ଦୁଇ ଭାଇ ଏବଂ ଗୋଟିଏ ଭଉଣୀ । କିଏ — ତୁମକୁ ଖୋଜୁଥିଲା ? ତାକୁ — ଜାଣ କି ? ଯାହାର ଲୁଣ ଖାଅ — ଗୁଣ ଗାଅ । ମୋତେ — ମଠିବୁ ମାଠ — ସେହି ଦରପୋଡ଼ା କାଠ ।

୨ । ନିମ୍ନଲିଖିତ ବାକ୍ୟମାନଙ୍କରେ କେଉଁଠାରେ କେଉଁ ସର୍ବନାମ ପଦର ବ୍ୟବହାର ହୋଇପାରେ ଲେଖ ।

(କ) ଅଶୋକ ମଗଧର ରାଜା ଥିଲେ । ଅଶୋକଙ୍କ ପିତାଙ୍କ ନାମ ବିନ୍ଦୁସାର । ଅଶୋକ ବହୁତ ରାଜ୍ୟ ଜିଣିଥିଲେ । ପ୍ରାୟ ସମସ୍ତ ଭାରତ ଅଶୋକଙ୍କର ଅଧୀନରେ ଥିଲା । କିନ୍ତୁ କଳିଙ୍ଗ ଅଶୋକଙ୍କ ରାଜ୍ୟ ଭିତରେ ନ ଥିଲା ।

(ଖ) ପୁରୁଷୋତ୍ତମଦେବ ଓଡ଼ିଶାର ରାଜା ଥିଲେ । ପୁରୁଷୋତ୍ତମଦେବଙ୍କ ସମୟରେ ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସିଥିଲେ । ଶ୍ରୀଚୈତନ୍ୟ ବୈଷ୍ଣବ ଧର୍ମ ପ୍ରଚାର କରୁଥିଲେ । ଶ୍ରୀଚୈତନ୍ୟ ପୁରୁଷୋତ୍ତମଦେବଙ୍କୁ ଦୀକ୍ଷା ଦେଇଥିଲେ । ଶ୍ରୀଚୈତନ୍ୟଙ୍କର ମୂର୍ତ୍ତି ଜଗନ୍ନାଥ ମନ୍ଦିର ବେଢ଼ା ମଧ୍ୟରେ ଅଛି ।

# କ୍ରିୟା

(୧) ଶିଶୁ **ଶୋଇଛି** । ଏଠାରେ 'ଶୋଇଛି' ପଦଟି ଶୋଇବା କାର୍ଯ୍ୟକୁ ବୁଝାଉଛି । (୨) ପିଲମାନେ **ଖେଳୁଥିଲେ** । ଏଠାରେ 'ଖେଳୁଥିଲେ' ପଦଟି ଖେଳିବା କାର୍ଯ୍ୟକୁ ବୁଝାଉଛି । (୩) ବାପା **ଆସିବେ** । ଏଠାରେ 'ଆସିବେ' ପଦଟି ଆସିବା କାର୍ଯ୍ୟକୁ ବୁଝାଉଛି ।

**ଯେଉଁ ପଦ କୌଣସି କାର୍ଯ୍ୟକୁ ବୁଝାଏ, ତାହାକୁ କ୍ରିୟାପଦ କହନ୍ତି ।**

## ପ୍ରଶ୍ନ

୧ । ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା କ୍ରିୟାପଦଗୁଡ଼ିକୁ ଚିହ୍ନାଅ ।
ବାପା ଗଳ୍ପଟିଏ କହିଲେ । ଆଜି ଟାଣ ଖରା ହେଉଛି । ଆମ ଜନ୍ମଭୂମି ଉତ୍କଳ ଅଟେ । ବଗିଚାରେ ବହୁତ ଗୋଲାପ ଫୁଟିଛି । ମୁଁ ଉଡ଼ାଜାହାଜରେ ବୁଲିବି । ପାଠ ପଢ଼ । ଗୃହ କର । ଡାକ୍ତର ରୋଗୀକୁ ଦେଖିବେ । ବାନ୍ଧିଲା ଘୋଡ଼ା ଘାସ ଖାଏ । ଯେ ପକ୍ଷୀ ଉଡ଼େ ଯେତେଦୂର, ସେ ଜାଣେ ତାହାର ବେଉରା ।

୨ । ଶୂନ୍ୟସ୍ଥାନରେ କ୍ରିୟାପଦ ବସାଅ ।
ବାଦୁଡ଼ି ସ୍ତନ୍ୟପାନ — । ଘରକୁ — ଆସ । ଅଶ୍ୱତ୍ଥାମା ଦ୍ରୋଣଙ୍କର ପୁତ୍ର — । ଏଣିକି ଆମ ଗାଁମାନଙ୍କରେ ବିଜୁଳି ଆଲୁଅ — । ଗାନ୍ଧିଜୀ ଆଜି ଏ ପୃଥିବୀରେ — । ସଭାପତି ମୋତେ ପୁରସ୍କାର — । ଏଥର ପିଲାର ବୁଦ୍ଧି ହଜି — ।

କାଶ୍ମୀର ଭାରତର ଅଂଶବିଶେଷ —। ଅଗଷ୍ଟ ପନ୍ଦର ତାରିଖରେ ଭାରତ ସ୍ୱାଧୀନ —।

୩। କ୍ରିୟାଗୁଡ଼ିକ ଯୋଗକରି ଗୋଟିଏ ଗୋଟିଏ ବାକ୍ୟ ଲେଖ। ଫଳେ, ପାରିବେ, ମାରିଦେଲେ, ଆଣ, ଜଳିବ, ଚଢ଼ୁଥିଲ, ଦିଅ, ବାସେ, ହେଲି।

---

# ବିଶେଷଣ

୧। **କଳା** ଗାଈ ଦୁଧ ମିଠା ଲାଗେ। ଏଠାରେ 'କଳା' ପଦଟି ଗାଈର ଗୋଟିଏ ଗୁଣ ବୁଝାଉଛି ଏବଂ ଅନ୍ୟ ଗାଈମାନଙ୍କଠାରୁ କଳା ଗାଈଟିକୁ ଅଲଗା କରୁଛି।

୨। **ଗୋଟିଏ** କଦଳୀକୁ ଦୁଇ ପଇସା। ଏଠାରେ 'ଗୋଟିଏ' ପଦଟି କଦଳୀର ସଂଖ୍ୟାକୁ ବୁଝାଉଛି ଏବଂ ଅନ୍ୟ କଦଳୀଠାରୁ କଦଳୀଟିକୁ ଅଲଗା କରିଦେଉଛି।

୩। **କୁନି** ପିଲାଟି ଖେଳୁଛି। ଏଠାରେ 'କୁନି' ପଦଟି ପିଲାର ଅବସ୍ଥା ବୁଝାଉଛି ଏବଂ ଅନ୍ୟ ପିଲାଙ୍କଠାରୁ ଅଲଗା କରୁଛି।

୪। **ଗିଲାସେ** ଦୁଧ ପିଅ। ଏଠାରେ 'ଗିଲାସେ' ପଦଟି ଦୁଧର ପରିମାଣ ବୁଝାଉଛି ଏବଂ ସମୁଦାୟ ଦୁଧରୁ ଗିଲାସେ ଦୁଧକୁ ଅଲଗା କରୁଛି।

**ଯେଉଁ ପଦ ବିଶେଷ୍ୟର ଗୁଣ, ସଂଖ୍ୟା, ଅବସ୍ଥା ବା ପରିମାଣ ବୁଝାଏ ଏବଂ ସମୁଦାୟରୁ ଅଲଗା କରାଏ, ତାହାକୁ ବିଶେଷଣ କହନ୍ତି।**

## ପ୍ରଶ୍ନ

୧ । ନିମ୍ନଲିଖିତ ବାକ୍ୟମାନଙ୍କ ମଧ୍ୟରେ ବ୍ୟବହୃତ ହୋଇଥିବା ବିଶେଷଣ ପଦଗୁଡ଼ିକୁ ବାଛି କିଏ କି ପ୍ରକାର ବିଶେଷଣ ଚିହ୍ନାଅ ।

ଟଟ୍ଟୁ ଘୋଡ଼ାରେ ଚଢ଼ । ଉଦୁଉଦିଆ ଖରାରେ ଦଉଡ଼ ନାହିଁ । ଗରିବ ଲୋକଟିକୁ ସାହାଯ୍ୟ କର । ଦଢ଼ିଆ ବାବାଜୀର ବଡ଼ ଦାଉ । 'କ' ବିଭାଗରେ ତୁମେ ପଢ଼ କି ? ଧୋବ ଲୁଗା ପିନ୍ଧ । ମାଠିଆଏ ପାଣିରେ କାମ ଚଳିବ । ପାଞ୍ଚୋଟି ପିଲା ପାସ୍ କଲେ । ଆଣ୍ଠୁ, ମୁନ୍ଦେ ପାଣି ଦେ । ଗାଈ ଆଗରେ କେରେ ପାଳ ପକାଇଦେଇ ଆସ । ଚାଲନ୍ତା ଶଗଡ଼ରେ ହାତ ପୂରାଅ ନାହିଁ । ଶୁଖିଲା କାଠରୁ ପାଣି ବାହାରେ ନାହିଁ । ବିକଟେ ପିଲା, ତାର ଗୃତର ଦେଖ । ସାଢ଼େ ଗୋଠାକ ବେଳେ ଖେଳୁଛନ୍ତି ହୁଏ ।

୨ । ଉପଯୁକ୍ତ ବିଶେଷଣ ପଦ ଶୂନ୍ୟ ସ୍ଥାନରେ ବ୍ୟବହାର କର ।

— ପାଣି । — ଆକାଶ । — ଆଲୁଅ । — ଗାଈ । —ପାଣ୍ଡବ — ବୀର । — ଖରା । — ଆଖି । — ନଦୀ । ଭଲ — ପିଲାଟାଏ । ଟଙ୍କାକ—ପଇସା । — ଲୋକଟି ପାଣିମାଗୁଛି । — ଗାଈ ଦୁଧ ମିଠା ଲାଗେ । କୁନ୍ତୀଙ୍କର— ପୁତ୍ର ଥିଲେ । ଲକ୍ଷ୍ମଣ ରାମଙ୍କ — ଭାଇ ଅଟନ୍ତି ।

୩ । 'କ' ଧାଡ଼ିରେ ଦିଆଯାଇଥିବା ବିଶେଷଣ ପଦଗୁଡ଼ିକୁ 'ଖ' ଧାଡ଼ିରେ ଦିଆଯାଇଥିବା ଉପଯୁକ୍ତ ବିଶେଷ୍ୟ ସହିତ ଯୋଗ କର ।

(କ) ବିଧେ, ଛିଣ୍ଡା, ରଙ୍ଗିନ, ନିର୍ମଳ, ଭୁଆ, ଡେଙ୍ଗା, ଚିନେଇ, ଦାଢ଼ୁଆ, ଘୋର, ଜଳନ୍ତା, ନିର୍ମାଣ ।

(ଖ) କନା, ବହଲ, ଆକାଶ, ଜନ୍ମ, ଚ୍ଚୁଗ୍ଗ, ଶାଢ଼ୀ, ଅନ୍ଧାର, ବଗଡ଼, ଗଛ, ବାୟୁ, ନଆଁ ।

---

## ବିଶେଷଣର ଭେଦ

୧ । ହରି **ଦୁଷ୍ଟ** ପିଲା । ଏଠାରେ 'ଦୁଷ୍ଟ' ବିଶେଷଣ ପଦଟି 'ପିଲା' ଏହି ଜାତିବାଚକ ବିଶେଷ୍ୟ ପଦଟିକୁ ବୁଝାଉଛି ।

୨ । **ହଣ୍ଡେ** ଗୁଡ଼ ଅଛି । ଏଠାରେ 'ହଣ୍ଡେ' ବିଶେଷଣ ପଦଟି 'ଗୁଡ଼'ର ପରିମାଣ ବୁଝାଉଛି ।

ବିଶେଷ୍ୟ ପଦର ବିଶେଷଣକୁ **ବିଶେଷ୍ୟର ବିଶେଷଣ** କହନ୍ତି ।

୧ । ପ୍ରସ୍ତାବଟି **ମନ୍ଦ** ନୁହେଁ । ଏଠାରେ 'ମନ୍ଦ' ପଦଟି 'ପ୍ରସ୍ତାବ' ଏହି କ୍ରିୟାବାଚକ ବିଶେଷ୍ୟ ପଦକୁ ବୁଝାଉଛି; ମାତ୍ର ବିଶେଷ୍ୟର ପରେ ବ୍ୟବହୃତ ହୋଇଅଛି ।

୨ । ଛବିଟି **ସୁନ୍ଦର** ହୋଇଛି । ଏଠାରେ 'ସୁନ୍ଦର' ପଦଟି 'ଛବି' ଏହି ପଦାର୍ଥର ନାମକୁ ବୁଝାଉଥିବା ବିଶେଷ୍ୟ ପଦକୁ ବୁଝାଉଛି; ମାତ୍ର ବିଶେଷ୍ୟର ପରେ ବ୍ୟବହୃତ ହୋଇଅଛି ।

ଯେଉଁ ବିଶେଷଣ ପଦ ବିଶେଷ୍ୟ ପରେ ବ୍ୟବହୃତ ହୁଏ, ତାହାକୁ **ବିଧେୟ ବିଶେଷଣ** କହନ୍ତି ।

୧ । ଦଧୀଚି **ବଡ଼** ଦୟାଳୁ ଋଷି । ଏଠାରେ 'ବଡ଼' ପଦଟି 'ଦୟାଳୁ' ଏହି ବିଶେଷଣକୁ ବୁଝାଉଛି ।

୨ । **ଟିକିଏ** ଆମ୍ବିଳିଆ ଆମ୍ବ କିଏ ଖାଇବ । ଏଠାରେ 'ଟିକିଏ' ପଦଟି 'ଆମ୍ବିଳିଆ' ବିଶେଷଣକୁ ବୁଝାଉଛି ।

ଯେଉଁ ପଦ ବିଶେଷଣର ବିଶେଷଣ ରୂପେ ବ୍ୟବହୃତ ହୁଏ, ତାକୁ **ବିଶେଷଣର ବିଶେଷଣ** କହନ୍ତି ।

୧ । ପଢ଼ା **ଶୀଘ୍ର** କର । ଏଠାରେ 'ଶୀଘ୍ର' ପଦଟି 'କର' ଏହି କ୍ରିୟାକୁ ବୁଝାଉଛି ।

୨ । ହରି **ସୁଖରେ** ଅଛି । ଏଠାରେ 'ସୁଖରେ' ଏହି ପଦଟି 'ଅଛି' କ୍ରିୟାକୁ ବୁଝାଉଛି ।

ଯେଉଁ ବିଶେଷଣ ପଦ କ୍ରିୟାପଦକୁ ବୁଝାଏ ତାହାକୁ **କ୍ରିୟା ବିଶେଷଣ** କହନ୍ତି ।

**ମନେରଖ:**—ବିଶେଷଣ ଚାରି ପ୍ରକାର ।

(୧) ବିଶେଷ୍ୟର ବିଶେଷଣ, (୨) ବିଧେୟ ବିଶେଷଣ, (୩) ବିଶେଷଣର ବିଶେଷଣ, (୪) କ୍ରିୟା ବିଶେଷଣ ।

## ପ୍ରଶ୍ନ

୧ । ନିମ୍ନଲିଖିତ ବିଶେଷଣ ପଦଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।
ନିର୍ମଳ, ପୁରୁଣା, ଲମ୍ବା, ଦଳେ । (ବିଶେଷ୍ୟର ବିଶେଷଣ)
ଭଲ, ଦୁଷ୍ଟ, କଡ଼ା, ମାଟିଳ । (ବିଧେୟ ବିଶେଷଣ)
ବଡ଼, ଅତି, ବୁଢ଼ା, ପରମ । (ବିଶେଷଣର ବିଶେଷଣ)
ଦୁଃଖରେ, ହଠାତ୍, ଆସ୍ତେ, ଧୀରେ ଧୀରେ । (କ୍ରିୟା ବିଶେଷଣ)

୨ । ଶୂନ୍ୟସ୍ଥାନ ପୂରଣ କର :—
ଆଜି ସହରରେ—ହରତାଳ ପାଳିତ ହେଲା । ତୁମ ମୁଖ କାହିଁକି—ଦିଶୁଛି ? ଢୋଲ ଭିତର — ଅଟେ । ପଣ୍ଡିତ ନେହେରୁ ଜଣେ—ଲୋକ ଅଟନ୍ତି । ମହାନଦୀ—ବଢ଼ିଛି । ମୋ କଥା ଶୁଣି ସେ—ଗଲା । ସତେ ମୋ

କାମଟି—ହେବ ! ମୂଷାଦାନ୍ତ—ଟାଣ । ତୁମକୁ ନିଶ୍ଚୟ—ସଲାମି ଦେବାକୁ ପଡ଼ିବ ।

୩ । ନିମ୍ନଲିଖିତ ବାକ୍ୟଗୁଡ଼ିକରୁ ବିଶେଷଣ ପଦ ବାଛି କିଏ କି ପ୍ରକାର ବିଶେଷଣ କହ ।

(କ) ରମା ଗାଏ ଭଲ, କିନ୍ତୁ ଭଲ ପଢ଼େ ନାହିଁ । (ଖ) ଓଦା ଓଦା ଆମ୍ବିଲ ଶୀତଳ ଭଜା ବଡ଼ ମନ୍ଦ ଅଟେ । (ଗ) ପିଲେ ମେଣ୍ଢା କିଆରିକ ଶାଗ ଖାଇଗଲେ । (ଘ) ଛଅ ଦିନରେ ଷଠୀଘର ହୁଏ । ଲବକୁଶ ଦୁହେଁ ସାଆଁଳା ଭାଇ, ସାନ ବଡ଼ ବାରି ହୁଅଇ ନାହିଁ । କୁଜା ଅସରପାକୁ କାଣୀ ବିରାଡ଼ି ।

---

# ଅବ୍ୟୟ

୧ । କୁଶ **ଓ** ଲବ ଦୁଇ ଭାଇ । ଏଠାରେ 'ଓ' ପଦଟି 'କୁଶ', 'ଲବ' ଏହି ଦୁଇ ପଦକୁ ଯୋଗକରୁଛି ।

୨ । **ଆଲୋ** ସଖି ! ଆପଣା ମହତ ଆପେ ରଖି । ଏଠାରେ 'ଆଲୋ' ପଦଟି ସମ୍ବୋଧନକୁ ବୁଝାଉଛି ।

୩ । **ଆହା** ! ପିଲାଟି କେତେ କଷ୍ଟ ପାଇଲାଣି ! ଏଠାରେ 'ଆହା' ଦୁଃଖର ସୂଚନା ଦେଉଛି ।

୪ । ତୁମେ **ଯେବେ** ନ ଆସିବ **ତେବେ** ମୁଁ ଯିବି ନାହିଁ । ଏଠାରେ 'ଯେବେ', 'ତେବେ' ସମ୍ଭାବନାକୁ ବୁଝାଉଛି ।

ଏପରି, ନ ହେଲେ, ଓଃ, ରୁଣୁଝୁଣୁ, ବାରମ୍ବାର, ରେ, ଏହିଭଳି କେତେଗୁଡ଼ିଏ ପଦ ବାକ୍ୟରେ ବ୍ୟବହୃତ ହୋଇଥାଏ । ମାତ୍ର ସେମାନଙ୍କର ଆକାରରେ କେବେହେଲେ କିଛି ପରିବର୍ତ୍ତନ ହୁଏ ନାହିଁ ।

**ଯେଉଁ ପଦର ବ୍ୟବହାରରେ କେବେ କିଛି ପରିବର୍ତ୍ତନ ଦେଖାଯାଏ ନାହିଁ, ତାହାକୁ ଅବ୍ୟୟ କହନ୍ତି ।**

**ମନେରଖ:**—ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟା ଏହି ପାଞ୍ଚପ୍ରକାର ପଦ ମଧ୍ୟରେ ପ୍ରତ୍ୟେକ ପଦ ଅନ୍ତର୍ଭୁକ୍ତ ।

## ପ୍ରଶ୍ନ

୧ । ନିମ୍ନଲିଖିତ ଅବ୍ୟୟ ପଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ରଚନା କର ।
ବା, ଯଦି, ଚଡ଼୍‌ଚଡ଼୍, ଆହା, ହଁ, ସିନା, ମାତ୍ର, ଅବଶ୍ୟ, ବୃଥା, ଓ, ଏବଂ, ପୁଣି, ଆଉ, ତେବେ ।

୨ । ଶୂନ୍ୟସ୍ଥାନ ପୂରଣ କର:—
ଗାଡ଼ିଟା—ହୋଇ ଭାଙ୍ଗି ପଡ଼ିଲା । ମୁଁ ଦରଖାସ୍ତ କଲି—କିଛି ଫଳ ହେଲା ନାହିଁ । ବିଜୟ—ଅଶୋକ ଦୁଇ ଭାଇ । —ରମା ! ମୋ କଥା ଶୁଣ; ଯେବେ ଭଲ ପଢ଼ିବ—ପୁରସ୍କାର ପାଇବ । ତୁମେ—ନିଶ୍ଚୟ ଆସିବ—ମୁଁ ଯିବି ନାହିଁ । ପାଠ ପଢ଼ିଲେ—ବୁଝି କରିବାକୁ ହେବ । —କଳହ କର ନାହିଁ । ଓଡ଼ିଶାରେ—ଯୋଗ୍ୟ ଲୋକ ନାହାନ୍ତି, ତାହା— ।

୩ । ଶବ୍ଦ ଓ ପଦ ମଧ୍ୟରେ ପ୍ରଭେଦ ଦେଖାଅ ।

# ଦ୍ୱିତୀୟ ଭାଗ

## ଲିଙ୍ଗ

୧ । **ଗୋବିନ୍ଦ** ହସୁଛି । **ବିଜୟ** ଆଜ ଖେଳିବ । **ମୟୂର** ନାଚେ । ପ୍ରଥମ ବାକ୍ୟରେ ଗୋବିନ୍ଦ, ଦ୍ୱିତୀୟ ବାକ୍ୟରେ ବିଜୟ, ତୃତୀୟ ବାକ୍ୟରେ ମୟୂର ପଦ ପୁରୁଷ ପ୍ରାଣୀକୁ ବୁଝାଉଅଛି ।

**ଯେଉଁ ପଦ ପୁରୁଷ ପ୍ରାଣୀକୁ ବୁଝାଏ, ତାହା ପୁଂଲିଙ୍ଗ ।**

୨ । **ଉଷା** ଗାଇ ଜାଣେ । **ରମା** ଭଲ ପଢ଼େ । **ମୟୂରୀଟିକୁ** ଦେଖ । ପ୍ରଥମ ବାକ୍ୟରେ ଉଷା, ଦ୍ୱିତୀୟ ବାକ୍ୟରେ ରମା, ତୃତୀୟ ବାକ୍ୟରେ ମୟୂରୀ ପଦ ସ୍ତ୍ରୀ ପ୍ରାଣୀକୁ ବୁଝାଉଛି ।

**ଯେଉଁ ପଦ ସ୍ତ୍ରୀ ପ୍ରାଣୀକୁ ବୁଝାଏ, ତାହା ସ୍ତ୍ରୀଲିଙ୍ଗ ।**

୩ । **କଲମଟି** ଆଣ । **ଦୁଆର** ଭାଙ୍ଗିଯିବ । **ଫଳଟି** ପାଚିଲାଣି । ପ୍ରଥମ ବାକ୍ୟରେ କଲମ, ଦ୍ୱିତୀୟ ବାକ୍ୟରେ ଦୁଆର, ତୃତୀୟ ବାକ୍ୟରେ ଫଳ ପଦ କୌଣସି ପୁରୁଷ ବା ସ୍ତ୍ରୀ ପ୍ରାଣୀକୁ ବୁଝାଉ ନାହିଁ ।

**ଯେଉଁ ପଦ ପୁରୁଷ ବା ସ୍ତ୍ରୀ ପ୍ରାଣୀକୁ ବୁଝାଏ ନାହିଁ, ତାହା କ୍ଲୀବଲିଙ୍ଗ ।**

ଲିଙ୍ଗ ତିନି ପ୍ରକାର:—ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, କ୍ଲୀବଲିଙ୍ଗ ।

## ପ୍ରଶ୍ନ

୧ । ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ କେଉଁ ଶବ୍ଦ କେଉଁ ଲିଙ୍ଗକୁ ବୁଝାଉଛି ତାହା ଚିହ୍ନାଇଦିଅ ।

ଦେବ, ସବିତା, ଉଷା, ବିଷ୍ଣୁ, ଗାଁ, ଧୋବା, ଗଉଡ଼ୁଣୀ, ରାଜା, ହରି, ରାଣୀ, ରାମ, ସୀତା, ଆମ୍ବ, କାଗଜ, ମଦନ, ପଥର ।

୨ । ତଳଲିଖିତ ବାକ୍ୟଗୁଡ଼ିକରେ କେଉଁ ପଦ କି ଲିଙ୍ଗକୁ ବୁଝାଉଛି ତାହା ଚିହ୍ନାଇଦିଅ ।

ରମା ଭଲ ପିଲା । ତା ସାନଭାଇ ମଧୁ ଭଲ ପଢ଼େ । ଆମ ସ୍କୁଲରେ ଗଣେଶପୂଜା ହେବ । କାଳିଦାସ ଜଣେ ବଡ଼ କବି । ଘର ପାଖରେ ଗୋଟିଏ ବଗିଚା ଅଛି । ଘରଚଟିଆ ଧୂଳିରେ ସ୍ନାନ କରୁଛି । କୁକୁଡ଼ା ପାଳିବା ଗୋଟିଏ ଲାଭଜନକ ବ୍ୟବସାୟ ଅଟେ । ଚନ୍ଦକା ବନରେ ବାଘ ମାଡ଼ିଛି । ଶିକ୍ଷକ ପିଲାମାନଙ୍କୁ ଭୂଗୋଳ ପଢ଼ାଉଥିଲେ । ସଭାସ୍ଥଳରେ ବହୁ ଲୋକ ଜମା ହୋଇଥିଲେ । ରବି ! ତୁମ ଆଈ ବୁଢ଼ୀ ଆସିଛନ୍ତି । ଆମ୍ବଗଛରେ ବହୁତ ବଉଳ ହୋଇଛି । ଶରତ ଋତୁରେ ପଦ୍ମ ଫୁଟେ ।

# ଲିଙ୍ଗ ପରିବର୍ତ୍ତନ

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ଘାର | ଘାରା |
| ବାଳକ | ବାଳିକା |
| ଚପଳ | ଚପଳା |
| ପ୍ରଥମ | ପ୍ରଥମା |

ଉପରେ ଦିଆଯାଇଥିବା ପୁଂଲିଙ୍ଗବାଚକ ଶବ୍ଦରେ **ଆକାର** ଯୋଗ କରାଯାଇ ସ୍ତ୍ରୀଲିଙ୍ଗବାଚକ ଶବ୍ଦ ଗଠିତ ହୋଇଅଛି ।

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ନର | ନାରୀ |
| ଦେବ | ଦେବୀ |
| ନଦ | ନଦୀ |
| ଗୌର | ଗୌରୀ |
| କୁମାର | କୁମାରୀ |

ଉପରେ ଦିଆଯାଇଥିବା ଉଦାହରଣମାନଙ୍କରେ **ଈକାର** ଯୋଗ କରାଯାଇ ପୁଂଲିଙ୍ଗବାଚକ ଶବ୍ଦକୁ ସ୍ତ୍ରୀଲିଙ୍ଗବାଚକ ଶବ୍ଦ କରାଯାଇଛି ।

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ବାପୁ | ବାପୁାଣୀ |
| ଇନ୍ଦ୍ର | ଇନ୍ଦ୍ରାଣୀ |
| ଛନ୍ତ୍ରୀ | ଛନ୍ତ୍ରଆଣୀ |

ଏଠାରେ **ଆଣୀ** ଯୋଗ କରାଯାଇ ପୁଂଲିଙ୍ଗବାଚକ ଶବ୍ଦ ସବୁ ସ୍ତ୍ରୀଲିଙ୍ଗବାଚକ ଶବ୍ଦରେ ପରିଣତ ହୋଇଅଛି ।

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ତେଲି | ତେଲୁଣୀ |
| କନ୍ଧ | କନ୍ଧୁଣୀ |
| ସୌର | ସୌରୁଣୀ |
| କେଉଟ | କେଉଟୁଣୀ |
| ଗଉଡ଼ | ଗଉଡ଼ୁଣୀ |

ଉପରେ ଦିଆଯାଇଥିବା ଉଦାହରଣମାନଙ୍କରେ **ଉଣୀ** ଯୋଗ କରାଯାଇ ସ୍ତ୍ରୀଲିଙ୍ଗବାଚକ ଶବ୍ଦ ଗଠିତ ହୋଇଛି ।

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ଅଣ୍ଡିରା ଛେଳି | ମାଈ ଛେଳି |
| ଅଣ୍ଡିରା ବାଛୁରି | ମାଈ ବାଛୁରି |
| ଅଣ୍ଡିରା କୁକୁର | ମାଈ କୁକୁର |

ଏଠାରେ ଶବ୍ଦର ପୂର୍ବରେ **ଅଣ୍ଡିରା** ବା **ମାଈ** ଯୋଗ କରାଯାଇ ଲିଙ୍ଗ ପରିବର୍ତ୍ତନ କରାଯାଇଛି ।

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ବାପା | ମା |
| ମଉସା | ମାଉସୀ |
| ବଡ଼ା | ବୁଢ଼ୀ |
| ଅଜା | ଆଈ |
| ମାମୁଁ | ମାଈଁ |
| ଚଟକଇ | ଖଡ଼ୀ |
| କାନ୍ଦର | କାନ୍ଦରି |

ନିମ୍ନଲିଖିତ ଶବ୍ଦଗୁଡ଼ିକ ସର୍ବଦା ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହୁଅନ୍ତି ।

ବିଦ୍ୟା, ଶୋଭା, କୃପା, କ୍ଷମା, ଇଚ୍ଛା, ଆଶା, ସ୍ପୃହା, ବୀଣା, ଲଜ୍ଜା, ମତି, ବୁଦ୍ଧି, ହାନି ରାତ୍ରି, ପୃଥିବୀ, ନଦୀ, ଶ୍ରେଣୀ, ବିଦ୍ୟୁତ୍, ଦିକ୍ (ଦିଗ) ।

## ପ୍ରଶ୍ନ

୧ । ନିମ୍ନଲିଖିତ ଶବ୍ଦମାନଙ୍କୁ ସ୍ତ୍ରୀଲିଙ୍ଗରେ ବ୍ୟବହାର କର ।

ଦେବ, ରାଜା, ବ୍ରାହ୍ମଣ, କ୍ଷତ୍ରିୟ, ଚଷା, ଭଣ୍ଡାରୀ, ଗଉଡ଼, ପାଣ, କୁମ୍ଭାର, ନର, ମିତ୍ର, କଣା, ଶ୍ରେଷ୍ଠୀ, କାଲ, କୁଜା, ଭିକାରୀ, କେଉଟ, ବାଘ, ହାତୀ, ଅଜା, ପିତା ନାଗ, ମେଣ୍ଢା ।

୨ । ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଭିନ୍ନ ଭିନ୍ନ ଲିଙ୍ଗରେ ପରିବର୍ତ୍ତିତ କରି ପୃଥକ୍ ପୃଥକ୍ ବାକ୍ୟରେ ବ୍ୟବହାର କର ।

ପୁରୁଷ, ବେଙ୍ଗ, ଭାଲୁ, ଗଧ, ଲୋକ, ପୁଅ, ବୁଢ଼ା, ପିମ୍ପୁଡ଼ି, କୁଆ, ମହୁମାଛି ।

---

# ବଚନ

୧ । (କ) ବାଳକ ଖେଳୁଅଛି, ବାଳକମାନେ ଖେଳୁଅଛନ୍ତି ।

(ଖ) ବହିଟି ସୁନ୍ଦର ଦିଶୁଛି, ବହିଗୁଡ଼ିକ ସୁନ୍ଦର ଦିଶୁଛି ।

ପ୍ରଥମ ବାକ୍ୟରେ **ବାଳକ** ଏହି ପଦଟି ଗୋଟିଏ ବାଳକକୁ ବୁଝାଉଛି । ଦ୍ୱିତୀୟ ବାକ୍ୟରେ **ବାଳକମାନେ** ଏହି ପଦଟି ଗୋଟିକରୁ ଅଧିକ ବାଳକଙ୍କୁ ବୁଝାଉଛି । ତୃତୀୟ ବାକ୍ୟରେ **ବହିଟି** ଏହି ପଦଟି ଖଣ୍ଡିଏ ବହିକୁ ବୁଝାଉଛି । ଚତୁର୍ଥ

ବାକ୍ୟରେ **ବହିଗୁଡ଼ିକ** ଏହି ପଦଟି ଖଣ୍ଡିକରୁ ଅଧିକ ବହିକୁ ବୁଝାଉଛି ।

**ଏକ ସଂଖ୍ୟାକୁ ବୁଝାଇଲେ ଏକବଚନ ଏବଂ ଏକରୁ ଅଧିକ ସଂଖ୍ୟାକୁ ବୁଝାଇଲେ ବହୁବଚନ ହୁଏ ।**

ଓଡ଼ିଆ ଭାଷାରେ ଦୁଇଟି ବଚନ, ଯଥା—**ଏକବଚନ** ଓ **ବହୁବଚନ** ।

ସମସ୍ତ ସମୟରେ ଏକବଚନରେ ଟି, ଟିଏ, ଟାଏ, ଗୋଟିଏ, ଗୋଟାଏ ପ୍ରଭୃତି ବ୍ୟବହାର କରାଯାଏ ।

ବହୁବଚନରେ ଗୁଡ଼ିଏ, ଗୁଡ଼ାଏ, ଗୁଡ଼ିକ, ଗୁଡ଼ାକ, ମାନେ ପ୍ରଭୃତି ବ୍ୟବହୃତ ହୁଏ ।

ଦଳ, ଦଳ, ସମୂହ ପ୍ରଭୃତି ବହୁତ ଅର୍ଥକୁ ବୁଝାଉଥିବା ଶବ୍ଦଗୁଡ଼ିକୁ ଯୋଗକରି ସମସ୍ତ ସମୟରେ ବହୁବଚନର ଅର୍ଥ ପ୍ରକାଶ କରାଯାଏ ।

ଦୁଇ, ଦୁଇଜଣ, ବେନି ପ୍ରଭୃତି ଲଗାଇ ଦୁଇ ସଂଖ୍ୟାକୁ ବୁଝାଇବା ସ୍ଥଳରେ ବ୍ୟବହାର କରାଯାଏ । ବ୍ୟାକରଣରେ **ସଂଖ୍ୟା**ର ନାମ **ବଚନ** ।

## ପ୍ରଶ୍ନ

୧ । ନିମ୍ନଲିଖିତ ବାକ୍ୟମାନଙ୍କରେ ବଡ଼ ଅକ୍ଷରର ପଦଗୁଡ଼ିକରୁ କେଉଁ ସଂଖ୍ୟା ଜଣାଯାଉଅଛି ଏବଂ କିଏ କେଉଁ ବଚନକୁ ବୁଝାଉଛି :—

**ଘଡ଼ିଏ** ଦିନ ହେଲାଣି । **ବୋତଲଗୁଡ଼ିକ** ଭାଙ୍ଗି ନାହିଁ । **ବିଜୟଲକ୍ଷ୍ମୀ ପଣ୍ଡିତ** ଜାତିସଂଘର ସଭାନେତ୍ରୀ ଥିଲେ । **ଭାଇମାନେ !** ଶୁଣ । **ଛାତ୍ରମାନେ** ଶିକ୍ଷକଙ୍କୁ ନମସ୍କାର କଲେ । **ଗୋଟିଏ** ଗାଈ ମାତ୍ର ମୋର ସମ୍ବଳ ।

ଦାଣ୍ଡରେ ଶୁଭିଲା **ରାମ-କୃଷ୍ଣ** ବେନି ଭାଇ, **ଅକ୍ରୂର** ଆସିଛି ତାଙ୍କୁ ଘେନିଯିବା ପାଇଁ । **ଗ୍ରାମପଞ୍ଚାୟତ** ଗ୍ରାମର ହାଲଚାଲ ବୁଝିବେ । **ଦାସେ** କହୁଛନ୍ତି । ନଈବଢ଼ିରେ **ବନ୍ଧସବୁ** ଭାଙ୍ଗିଗଲା । **ବେପାରୀଗୁଡ଼ାକ** ମିଛ କହନ୍ତି । **ରଜାଏ** ଗଲେଣି । ଏ ଯୁଗରେ **ମନ୍ତ୍ରୀଙ୍କ** ଶାସନ ଚାଲିଛି । **ସଭାଟିରେ** ବହୁସଂଖ୍ୟକ **ଲୋକ** ରୁଣ୍ଡ ହୋଇଥିଲେ ।

୨ । ନିମ୍ନଲିଖିତ ବାକ୍ୟମାନଙ୍କରେ ରେଖାଚିହ୍ନିତ ପଦମାନଙ୍କର ବଚନ ପରିବର୍ତ୍ତନ କର ।

(କ) ଭଲଲୋକଙ୍କୁ ବାଛ । (ଖ) ତୁମେ ନିଜେ ଭଲ ହୁଅ, ଦେଖିବ ଦୁନିଆ ଭଲ । (ଗ) ଗାଈଟି ତା ବାଛୁରୀକୁ ଚାଟୁଛି । (ଘ) ପୋଖରୀରେ ମାଛମାନେ ଖେଳୁଛନ୍ତି । (ଙ) ମୋ ଭାଗ୍ୟକୁ ଏହା ଫଳିଲା । (ଚ) ମଶାଗୁଡ଼ାକ କାମୁଡ଼ି ପକାଉଛନ୍ତି । (ଛ) ଆକାଶରେ ଉଜ୍ଜ୍ୱଳ ନକ୍ଷତ୍ରଟି ଦେଖ । (ଜ) ଛବିଟି ସୁନ୍ଦର ହୋଇଛି । (ଝ) ବାଘୁଣୀଗୁଡ଼ାକ ବେଶୀ ହିଂସ୍ର । (ଞ) ରେଣୁ, ତୁମ ଭାଇକୁ ଡାକ ।

---

# କାରକ ଓ ବିଭକ୍ତି

## କର୍ତ୍ତା କାରକ—ପ୍ରଥମା ବିଭକ୍ତି

(୧) ଚାଷୀ ଚାଷ କରୁଛି । ଏଠାରେ ଚାଷୀ ଚାଷ କାମ କରିବା ଜଣାଯାଉଛି । (୨) ପିଲାଟି କାହିଁକି ବୁଲୁଛି ?

ଏହି ବାକ୍ୟରେ ପିଲା ବୁଲିବା କାମ କରିବା ଜଣାଯାଉଛି । (୩) ଶିକ୍ଷକ ପଢ଼ାଉଛନ୍ତି । ଏଠାରେ ପଢ଼ାଇବା କାର୍ଯ୍ୟ ଶିକ୍ଷକ କରୁଛନ୍ତି ।

**ଯେ କୌଣସି କାର୍ଯ୍ୟ କରେ ବା କରାଏ ତାକୁ କର୍ତ୍ତା କାରକ କହନ୍ତି ।**

କର୍ତ୍ତାକାରକରେ **ପ୍ରଥମା ବିଭକ୍ତି** ହୁଏ ।

ଅନେକ ବାକ୍ୟରେ **ତୁମେ** ଶବ୍ଦଟି କର୍ତ୍ତାକାରକରେ ବ୍ୟବହୃତ ହୁଏ ନାହିଁ, ତାହା କ୍ରିୟା ଦ୍ୱାରା ଜଣାଯାଏ, ଯଥା :—ପାଠ ପଢ଼ । କାହାରିକୁ ହିଂସା କର ନାହିଁ । ଏଠାରେ ତୁମେ ପାଠ ପଢ଼ ଏବଂ ତୁମେମାନେ କାହାରିକୁ ହିଂସା କର ନାହିଁ—ଏହି ଅର୍ଥ ଜଣାଯାଉଛି ।

## ପ୍ରଶ୍ନ

୧ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରୁ କର୍ତ୍ତାକାରକଗୁଡ଼ିକୁ ବାଛି ବାହାର କର ।

ପାଣ୍ଡବମାନେ ପାଞ୍ଚ ଭାଇ ଅଟନ୍ତି । ପିଲାଟି ସାଇକେଲ ଚଢ଼ି ଜାଣେ । ଖରାରେ ଦୌଡ଼ ନାହିଁ । ଶିଳାରେ ଘଷିଲେ ଚନ୍ଦନ, ସୁବାସ କରେ ବିତରଣ । କୋପ ଯେ କଲା ରାଜା କଂସ, କୋପେ ଅସୁର ଗଲା ନାଶ । ଯାଉଛି, ମୁଁ ଆଗ ବସି ପଢ଼ିବି । କିଏ ତୁମକୁ ଏ କଥା କହିଲା ?

## କର୍ମକାରକ—ଦ୍ୱିତୀୟା ବିଭକ୍ତି

(୧) ରଜନୀକାନ୍ତ କମଳା ଖାଉଛି । ଏଠାରେ କଅଣ ଖାଉଛି ? ଏହି ପ୍ରଶ୍ନର ଉତ୍ତରରେ **କମଳାକୁ** ଏହି ଉତ୍ତର ମିଳୁଛି ।

(୨) ମୁଁ ସାହିତ୍ୟ ପଢ଼ୁଛି । ଏଠାରେ କଅଣ ପଢ଼ୁଛି, ଏହି ପ୍ରଶ୍ନରେ **ସାହିତ୍ୟକୁ** ଏହି ଉତ୍ତର ମିଳୁଛି ।

(୩) ଗରୁଡ଼ ଗାଈକୁ ଧରିଛି । ଏଠାରେ କାହାକୁ ଧରିଛି, ଏହି ପ୍ରଶ୍ନର ଉତ୍ତରରେ **ଗାଈକୁ** ଏହି ଉତ୍ତର ମିଳୁଛି ।

**କର୍ତ୍ତା ଯାହାକୁ ଖାଏ, ପଢ଼େ, ଧରେ ବା ଆଉ ଏହିପରି କିଛି କରେ ତାହା କର୍ମକାରକ ।**

କର୍ମକାରକରେ **ଦ୍ୱିତୀୟା ବିଭକ୍ତି** ହୁଏ ।

### ପ୍ରଶ୍ନ

୧ । ତଳେ ଦିଆଯାଇଥିବା ବାକ୍ୟର ଶୂନ୍ୟସ୍ଥାନମାନଙ୍କରେ କର୍ମକାରକ ବ୍ୟବହାର କର ।

(କ) ମା—ଡାକୁଛନ୍ତି । (ଖ) ତୁମେ—ଖାଅ । (ଗ) ରାମ —ଭାଙ୍ଗିଥିଲେ । (ଘ) ହରି ଚା—ମୋତେ ଦେଲା । (ଙ) ଦୋକାନୀଠାରୁ — ଆଣ । (ଚ) ସ୍ତ୍ରୀଲୋକମାନେ ସଞ୍ଜବେଳେ—ଜାଳିଲେ । (ଛ) ପିଲାଏ—ଦେଖିଥିଲେ । (ଜ) ମୁଁ ତୁମ—ଜାଣେ । (ଝ) ଗରୁଡ଼ — ଦୁହୁଁଛି । (ଞ) ରାବଣ—ଚୋରି କରିଥିଲା ।

୨ । ନିମ୍ନଲିଖିତ ଶବ୍ଦଗୁଡ଼ିକୁ କର୍ମକାରକ ରୂପେ ବ୍ୟବହାର କରି ବାକ୍ୟ ଲେଖ ।

ଭାଗବତ, କାଠ, ହରିଣ, ଚୋର, ବହି, ଚନ୍ଦ୍ର, ଜଗନ୍ନାଥ ।

---

## କରଣ କାରକ – ତୃତୀୟା ବିଭକ୍ତି

୧ । ଲଞ୍ଚ **ଇଞ୍ଜିନରେ** ଚାଲେ । ଏଠାରେ ଲଞ୍ଚର ଚାଲିବା କାର୍ଯ୍ୟ ଇଞ୍ଜିନ୍ ଦ୍ୱାରା ହେଉଛି । ହରି **ଦାଆରେ** ଧାନ କାଟୁଛି । ଏଠାରେ ଧାନ କାଟିବା କାର୍ଯ୍ୟ ଦାଆ ଦ୍ୱାରା ହେଉଛି । ଅଶୋକ **ପେନ୍‌ସିଲରେ** ଲେଖୁଛି । ଏଠାରେ ଲେଖିବା କାର୍ଯ୍ୟ ପେନ୍‌ସିଲ ଦ୍ୱାରା ହେଉଛି ।

**କର୍ତ୍ତା ଯାହା ସାହାଯ୍ୟରେ କ୍ରିୟା ସାଧନ କରେ ତାହା କରଣ କାରକ ।**

କରଣ କାରକରେ **ତୃତୀୟା ବିଭକ୍ତି** ହୁଏ ।

## ପ୍ରଶ୍ନ

୧ । ନିମ୍ନଲିଖିତ ଶବ୍ଦମାନଙ୍କୁ କରଣକାରକରୂପେ ବ୍ୟବହାର କର ।

ଦାଆ, ଲଙ୍ଗଳ, ଖଣତି, କୁରାଢ଼ୀ, ଗିଲାସ, ହାତ, ଆଖି, କାନ ।

୨ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ କିଏ କରଣ କାରକ ଚିହ୍ନାଇ ଦିଅ ।

ମକ୍‌କେଲମାନେ ଓକିଲଙ୍କ ଦ୍ୱାରା ମକଦ୍ଦମା ଚଳାନ୍ତି । ଆମେମାନେ ନୌକାରେ ପାରହେଉ । କେଉଟମାନେ

ଜାଲରେ ମାଛ ଧରନ୍ତି । ସାଧାରଣ ଲୋକେ କଡା, ଛଣି, କାଠ, ବାଉଁଶରେ ଘର ଛପର କରନ୍ତି । ସୁଧାଂଶୁ ଛୁରୀରେ କଲମ କାଟୁଛି । ଆମେମାନେ କାନରେ ଶୁଣୁଛୁ । ପିଲାମାନେ ଠେଙ୍ଗାରେ ସାପକୁ ବାଡ଼େଇଲେ । ସେ ଆଖିରେ ଁ ଦେଖେ । ସାହେବମାନେ ବନ୍ଧୁକ ମୁନରେ ଶାସନ କରୁଥିଲେ । ଗାଈଟିକୁ ପଘାରେ ବାନ୍ଧ । ଆଜିକାଲି ଉଡ଼ାଜାହାଜରେ ଯୁଦ୍ଧ ହେଉଛି । ଦାଢ଼ୁଆ ଘୁଆକାଡିରେ ଗୁଆ କାଟ । ନିଜ ବାହୁବଳରେ ରୋଜଗାର କର ।

---

## **ସମ୍ପ୍ରଦାନ କାରକ**—ଚତୁର୍ଥୀ ବିଭକ୍ତି

୧ । ଗରିବକୁ ଲୁଗା ଖଣ୍ଡିଏ ଦିଅ । ଏଠାରେ ଲୁଗା ଖଣ୍ଡିଏ **ଗରିବକୁ** ଦେବା କଥା କୁହାଯାଉଛି ।

୨ । ରୋଗୀକୁ ଭାତ ରୁଚୁ ନାହିଁ । ଏଠାରେ ଭାତ କାହାକୁ ରୁଚୁ ନାହିଁ—ଏହି ପ୍ରଶ୍ନର ଉତ୍ତରରେ **ରୋଗୀକୁ** ଏହି ଉତ୍ତର ମିଳୁଛି ।

**ଯାହାକୁ କିଛି ଦାନ କରିଯିବା ଜଣାଯାଏ, ବା ଯାହାକୁ ରୁଚିବା କଥା ଜଣାଯାଏ, ତାହାକୁ ସମ୍ପ୍ରଦାନ କାରକ କୁହାଯାଏ ।**

ସମ୍ପ୍ରଦାନ କାରକରେ **ଚତୁର୍ଥୀ ବିଭକ୍ତି** ହୁଏ ।

## ପ୍ରଶ୍ନ

୧ । ସମ୍ପ୍ରଦାନ କାରକ କାହାକୁ କହନ୍ତି ? ଦୁଇଟି ଉଦାହରଣ ଦେଇ ବୁଝାଇ ଦିଅ ।

୨ । ନିମ୍ନଲିଖିତ ବାକ୍ୟଗୁଡ଼ିକରୁ ସମ୍ପ୍ରଦାନ କାରକ ବାଛି ବାହାର କର ।

ଭିକାରୀକୁ ଅନ୍ନ ଦିଅ । ଶୋଷୀକୁ ଜଳ ଦେଲେ ଧର୍ମ ହେବ । ମୋତେ ତୁମ କଥା ରୁଚୁ ନାହିଁ । ବିନୋବାଙ୍କୁ ଭୂମି ଦାନ-କର । ଦେଶର ଉନ୍ନତି ପାଇଁ ସରକାରଙ୍କୁ ଋଣ ଦିଅ । ଦଧୀଚି ଦେବତାମାନଙ୍କୁ ନିଜର ଅସ୍ଥି ଦାନକଲେ । ଡାକ୍ତର ରୋଗୀକୁ ଔଷଧ ଦେବେ । ଦୁର୍ଯ୍ୟୋଧନ ଅର୍ଜ୍ଜୁନଙ୍କୁ ନିଜ ମୁକୁଟ ଦେଇଥିଲେ । ମହାଦେବ ଅର୍ଜ୍ଜୁନଙ୍କୁ ପାଶୁପତ ଅସ୍ତ୍ର ଦାନ କରିଥିଲେ ।

## **ଅପାଦାନ କାରକ**—ପଞ୍ଚମୀ ବିଭକ୍ତି

୧ । ଗୋବିନ୍ଦ ପାଣିକଳରୁ ପାଣି ଆଣୁଛି । ଏଠାରେ କେଉଁଠାରୁ ପାଣି ଆଣୁଛି ? ଏହି ପ୍ରଶ୍ନର ଉତ୍ତରରେ **ପାଣିକଳରୁ** ଏହି ଉତ୍ତର ମିଳୁଛି ।

୨ । ରାମ ବାବୁ ଘରଠାରୁ ଭିନ୍ନେ ହେଲେ । ଏଠାରେ କେଉଁଠାରୁ ଭିନ୍ନେ ହେଲେ, ଏହି ପ୍ରଶ୍ନର ଉତ୍ତରରେ **ଘରଠାରୁ** ଏହି ଉତ୍ତର ମିଳିଲା ।

**ଯାହାଠାରୁ କୌଣସି ବ୍ୟକ୍ତି ବା ବସ୍ତୁ ଅଲଗା ହେବା ଜଣାଯାଏ, ତାହାକୁ ଅପାଦାନ କାରକ କୁହାଯାଏ ।**

ଅପାଦାନ କାରକରେ **ପଞ୍ଚମୀ ବିଭକ୍ତି** ହୁଏ ।

## ପ୍ରଶ୍ନ

୧ । ତଳ ବାକ୍ୟମାନଙ୍କରୁ ଅପାଦାନ କାରକଗୁଡ଼ିକୁ ଚିହ୍ନାଇ ଦିଅ ।

ଡାକବାଲା ଡାକଘରୁ ଚିଠି ଆଣେ । ଆମ୍ବଗଛରୁ

ଆମ୍ଭ ତୋଳ ଆଣ । ଆମ୍ଭେମାନେ ଗୁରୁଙ୍କଠାରୁ ଶିକ୍ଷା ପାଉ । ପୂର୍ବେ ତପସ୍ୱୀମାନେ ଦେବତାଙ୍କଠାରୁ ବର ପାଉଥିଲେ । ମହାନଦୀରୁ କାଠଯୋଡ଼ ବାହାରୁଛି । ମୂଷାଟିଏ ଗାତରୁ ବାହାରୁଛି । ହିମାଂଶୁ ସାଇକେଲରୁ ପଡ଼ିଗଲା । ଆମ ଘରଠାରୁ ଷ୍ଟେସନ ଦୁଇ ମାଇଲ । ଆଜକାଲି ସମସ୍ତେ ସରକାରଙ୍କଠାରୁ ସାହାଯ୍ୟ ପାଉଛନ୍ତି । ଜାନକୀ ଘରୁ ଆସି ବାହାରେ ବସିଛି । ନଦୀରୁ କେନାଲକୁ ପାଣି ଆସେ ।

୨ । ଅପାଦାନ କାରକ ବ୍ୟବହାର କରି ଶୂନ୍ୟ ସ୍ଥାନ ପୂରଣ କର– ତାଙ୍କର ହୃଦୟ—କଠୋର ଏବଂ—କୋମଳ । ମାଆ ଏବଂ ମାତୃଭୂମି—ମଧ୍ୟ ବଡ଼ । — ବିପତ୍ତି ନାହିଁ; —ସମ୍ପତ୍ତି ନାହିଁ । ଆସୁଛନ୍ତି ଗୋରୁପଲ—ବାହୁଡ଼ି । ପିତା ମାତାଙ୍କ – ଲୁହ ଗଡ଼ାଅ ନାହିଁ । ଗାଁ ପରିମଳ ଧୋବା—ଜଣାଯାଏ । —ମାଇଲେ ଯିବ ସରି ।

---

## ଅଧିକରଣକାରକ—ସପ୍ତମୀ ବିଭକ୍ତି

୧ । ଦେଉଳରେ ଦିଅଁ ଅଛନ୍ତି । ଏଠାରେ ଦିଅଁ କେଉଁଠାରେ ଅଛନ୍ତି, ଏହି ପ୍ରଶ୍ନର ଉତ୍ତରରେ **ଦେଉଳରେ** ଏହି ଉତ୍ତର ମିଳୁଛି ।

୨ । ଦି'ପହରରେ ବେଶୀ ଖରା ହୁଏ । ଏଠାରେ ବେଶୀ ଖରା କେତେବେଳେ ହୁଏ, ଏହି ପ୍ରଶ୍ନର ଉତ୍ତରରେ **ଦି'ପହରରେ** ଏହି ଉତ୍ତର ମିଳୁଛି ।

**ଯେଉଁଠାରେ ବା ଯେଉଁ ସମୟରେ କ୍ରିୟା ସମ୍ପାଦିତ ହୁଏ, ତାହାକୁ ଅଧିକରଣ କାରକ କୁହାଯାଏ ।**

ଅଧିକରଣ କାରକରେ **ସପ୍ତମୀ ବିଭକ୍ତି** ହୁଏ ।

ପ୍ରଥମ ବାକ୍ୟରେ **ଦେଉଳ** ଗୋଟିଏ ସ୍ଥାନର ନାମ । ସେଠାରେ ଦିଅଁଙ୍କର ରହିବା କ୍ରିୟା ସମ୍ପାଦିତ ହେଉଅଛି; ତେଣୁ **ଦେଉଳରେ** ସ୍ଥାନାଧିକରଣ । ଦ୍ୱିତୀୟ ବାକ୍ୟରେ **ଦ୍ୱିପହର** କାଳ ବା ସମୟବିଶେଷର ନାମ, ତେଣୁ ଏହା କାଳାଧିକରଣ ।

**ଯେଉଁ ସ୍ଥାନରେ କ୍ରିୟା ସମ୍ପାଦିତ ହୁଏ, ତାହା ସ୍ଥାନାଧିକରଣ ଏବଂ ଯେଉଁ କାଳରେ କ୍ରିୟା ସମ୍ପାଦିତ ହୁଏ, ତାହା କାଳାଧିକରଣ ।**

### ପ୍ରଶ୍ନ

୧ । ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଅଧିକରଣ କାରକ ରୂପେ ବ୍ୟବହାର କର:—

ସକାଳ, ଟେବୁଲ୍, ବହି, ସୁନା, କୂଅ, ଘର ।

୨ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ସ୍ଥାନାଧିକରଣ ଏବଂ କାଳାଧିକରଣ ଚିହ୍ନାଅ .—

ସଞ୍ଜବେଳେ ଦୁଆରରେ ଦୀପ ଦିଆଯାଏ । ଆମ ଘରେ କାଲି ଭୋଜି ହୋଇଥିଲା । ଗଛରେ ଫୁଲ ଫୁଟିଛି । ମୋଠାରେ ପଇସା ନାହିଁ । ଶୀତଦିନରେ ଏଠାରେ ବିଲାତି ଆଳୁ ନ ଥାଏ । କାଲି ରାତିରେ ମତେ ନିଦ ହେଲା ନାହିଁ । ଦଶହରା ବର୍ଷକରେ ଥରେ ପଡ଼େ । ଜୀବନରେ ମୁଁ ତୁମକୁ ଭୁଲି ପାରିବି ନାହିଁ ।

---

## କାରକ କାହାକୁ କହନ୍ତି

ମଧୁ ଆଜି ସକାଳେ ଘରୁ ହାତରେ ମୁଠେ ଚାଉଳ ଭିକାରୀକୁ ଆଣିଦେଲେ । ଏଠାରେ କ୍ରିୟାପଦ **ଆଣିଦେଲେ** ।

ପ୍ରଥମ ପ୍ରଶ୍ନ—କିଏ ଆଣିଦେଲେ ? ଉତ୍ତର—ମଧୁ ।
ଦ୍ୱିତୀୟ ପ୍ରଶ୍ନ—କଅଣ ଆଣିଦେଲେ ? ଉତ୍ତର—ମୁଠେ ଚାଉଳ ।
ତୃତୀୟ ପ୍ରଶ୍ନ—କାହିଁରେ ଆଣି ଦେଲେ ? ଉତ୍ତର—ହାତରେ ।
ଚତୁର୍ଥ ପ୍ରଶ୍ନ—କାହାକୁ ଆଣିଦେଲେ ? ଉତ୍ତର—ଭିକାରୀକୁ ।
ପଞ୍ଚମ ପ୍ରଶ୍ନ—କେଉଁଠାରୁ ଆଣିଦେଲେ ? ଉତ୍ତର—ଘରୁ ।
ଷଷ୍ଠ ପ୍ରଶ୍ନ—କେତେବେଳେ ଆଣିଦେଲେ ? ଉତ୍ତର—ସକାଳେ ।

ଅତଏବ ଦେଖାଯାଉଛି **ଆଣିଦେଲେ** କ୍ରିୟା ସହିତ ପ୍ରତ୍ୟେକ ପଦର ସମ୍ପର୍କ ରହିଛି, କିନ୍ତୁ ପ୍ରତ୍ୟେକ ପଦର ସମ୍ପର୍କ ବିଭିନ୍ନ ପ୍ରକାରର ।

**କ୍ରିୟା ସହିତ ଯେଉଁ ପଦଗୁଡ଼ିକର ସଂପର୍କ ଥାଏ, ସେଗୁଡ଼ିକୁ କାରକ କହନ୍ତି ।**

କାରକ ଛଅ ପ୍ରକାର ।

ପ୍ରଥମ ପ୍ରଶ୍ନର ଯାହା ଉତ୍ତର, ତାହା କର୍ତ୍ତୃକାରକ ।
ଦ୍ୱିତୀୟ ପ୍ରଶ୍ନର ଯାହା ଉତ୍ତର, ତାହା କର୍ମକାରକ ।
ତୃତୀୟ ପ୍ରଶ୍ନର ଯାହା ଉତ୍ତର, ତାହା କରଣକାରକ ।
ଚତୁର୍ଥ ପ୍ରଶ୍ନର ଯାହା ଉତ୍ତର, ତାହା ସମ୍ପ୍ରଦାନକାରକ ।
ପଞ୍ଚମ ପ୍ରଶ୍ନର ଯାହା ଉତ୍ତର, ତାହା ଅପାଦାନକାରକ ।
ଷଷ୍ଠ ପ୍ରଶ୍ନର ଯାହା ଉତ୍ତର, ତାହା ଅଧିକରଣକାରକ ।

## ପ୍ରଶ୍ନ

୧ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କର ଏବଂ ତାହା କେଉଁ କାରକ ବୁଝାଇ ଲେଖ ।

ତାଳ ଗଛରୁ — ପଡ଼ିଲା । କେଉଟମାନେ—ମାଛ ଧରନ୍ତି । ମୋ—ପଇସାଟିଏ ନାହିଁ ।---ତୁମ କଲମଟି ଦିଅ ।

ମୋ—କାଳ ସରିଗଲା । ଆମ୍ଭେମାନେ—ଦେଖୁ । କାନରେ—ଶୁଣୁ ।

୨ । କ୍ରିୟା ସହିତ ବିଭିନ୍ନ ପଦର ସମ୍ବନ୍ଧ ଜାଣିବାର ଉପାୟ କହ ? ସେହି ଉପାୟ ସାହାଯ୍ୟରେ କର୍ମ, ସମ୍ପ୍ରଦାନ ଏବଂ ଅଧିକରଣ କାରକ ସ୍ଥିରକର ।

---

# ବିଭକ୍ତି

୧ । ଗଛରୁ ପତ୍ର ପଡ଼ିଲା, ୨ । ଗଛରେ ଫଳ ଫଳିଛି, ୩ । ଗଛକୁ ଦେଖ । ଏହି ତିନିଗୋଟି ବାକ୍ୟରେ ଦେଖାଯାଏ ଯେ ଗଛ ଗୋଟିଏ ଶବ୍ଦ । ମାତ୍ର ପ୍ରଥମ ବାକ୍ୟରେ (ଗଛ+ରୁ) **ଗଛ** ଏହି ଶବ୍ଦରେ **ରୁ** ଏହି ଚିହ୍ନ ଯୋଗ କରାଯାଇଥିବାରୁ ଜଣାଯାଉଛି, ଏହା ଅପାଦାନ କାରକ । ଦ୍ୱିତୀୟ ବାକ୍ୟରେ (ଗଛ+ରେ) **ଗଛ** ଏହି ଶବ୍ଦଟିରେ **ରେ** ଏହି ଚିହ୍ନଟି ଯୋଗ କରାଯାଇଥିବାରୁ ଜଣାଯାଉଛି, ଏହା ଅଧିକରଣ କାରକ । ତୃତୀୟ ବାକ୍ୟରେ ( ଗଛ+କୁ ) **ଗଛ** ଏହି ଶବ୍ଦରେ **କୁ** ଏହି ଚିହ୍ନଟି ଯୋଗ କରାଯାଇଥିବାରୁ ଜଣାଯାଉଛି, ଏହା କର୍ମକାରକ ।

**ଭିନ୍ନ ଭିନ୍ନ କାରକ ଚିହ୍ନାଇବା ପାଇଁ ଯେଉଁ ସାଙ୍କେତିକ ଚିହ୍ନ ବ୍ୟବହୃତ ହୁଏ, ତାହାକୁ ବିଭକ୍ତି କହନ୍ତି ।**

ଭିନ୍ନ ଭିନ୍ନ କାରକକୁ ଚିହ୍ନାଇବା ପାଇଁ ଭିନ୍ନ ଭିନ୍ନ ବିଭକ୍ତିର ବ୍ୟବହାର ହୁଏ ।

ଯଥା :—କର୍ତ୍ତାକାରକରେ ପ୍ରଥମା ବିଭକ୍ତି । କର୍ମକାରକରେ ଦ୍ୱିତୀୟା ବିଭକ୍ତି । କରଣ କାରକରେ ତୃତୀୟା ବିଭକ୍ତି । ସମ୍ପ୍ରଦାନ କାରକରେ ଚତୁର୍ଥୀ ବିଭକ୍ତି । ଅପାଦାନ କାରକରେ ପଞ୍ଚମୀ ବିଭକ୍ତି । ଅଧିକରଣ କାରକରେ ସପ୍ତମୀ ବିଭକ୍ତି ।

## ଷଷ୍ଠୀ ବିଭକ୍ତି

୧ । ହରିର ବାପା ଆସୁଛନ୍ତି । ଏହି ବାକ୍ୟରେ "କିଏ ଆସୁଛନ୍ତି ?" ଏହି ପ୍ରଶ୍ନର ଉତ୍ତରରେ **ବାପା** ଏହି ଉତ୍ତର ମିଳେ । କାହାର ବାପା, ଏହି ପ୍ରଶ୍ନର ଉତ୍ତରରେ **ହରିର** ଏହି ଉତ୍ତର ମିଳେ; ତେଣୁ **ବାପା** ସହିତ **ହରିର** ସମ୍ବନ୍ଧ ଅଛି; ମାତ୍ର **ଆସୁଅଛନ୍ତି** ଏହି କ୍ରିୟା ସହିତ ସମ୍ବନ୍ଧ ନାହିଁ ।

୨ । ବହିର ମଲାଟ ଚିରିଗଲା । ଏହି ବାକ୍ୟରେ ସେହିପରି **ଚିରିଗଲା** କ୍ରିୟା ସହିତ ମଲାଟର ସମ୍ବନ୍ଧ, ମାତ୍ର ବହି ସହିତ ସମ୍ବନ୍ଧ ନାହିଁ ।

ତେଣୁ କ୍ରିୟା ସଙ୍ଗେ ସମ୍ବନ୍ଧ ନ ଥିବାରୁ **ହରିର** ଓ **ବହିର** ଏ ଦୁଇଟି ପଦ କାରକ ନୁହେଁ । କିନ୍ତୁ **ହରି** ପଦର **ବାପା** ସହିତ ସମ୍ବନ୍ଧ ଏବଂ **ବହି** ପଦର **ମଲାଟ** ସହିତ ସମ୍ବନ୍ଧ ।

**କେବଳ ଅନ୍ୟ ସହିତ ସମ୍ବନ୍ଧ ବୁଝାଇବା ପାଇଁ ଯେଉଁ ବିଭକ୍ତି ବ୍ୟବହୃତ ହୁଏ, ତାହାକୁ ଷଷ୍ଠୀବିଭକ୍ତି କହନ୍ତି ।**

ବିଭକ୍ତି ସାତ ପ୍ରକାର ।

## ପ୍ରଶ୍ନ

୧ । ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଷଷ୍ଠୀ ବିଭକ୍ତି ଚିହ୍ନାଇ ଦିଅ ।

ରାମଚନ୍ଦ୍ର ଦଶରଥଙ୍କର ପୁତ୍ର ଅଟନ୍ତି । ଘରର କଣରେ ଅଳିଆ ରଖ ନାହିଁ । ନଦୀକୂଳର ଦୃଶ୍ୟ ବଡ଼ ରମଣୀୟ । ମାଛର ଗୋଡ଼ ଥାଏ କି ? ଜଗନ୍ନାଥଙ୍କ ଦେଉଳକୁ ବଡ଼-ଦେଉଳ କହନ୍ତି । ଗାଁଲୋକମାନେ ସାହସୀ ଅଟନ୍ତି । ଓଡ଼ିଶାର ଆଗ ସୁନାମ ଏବେ ନାହିଁ । ଓଡ଼ିଶାର ନୂଆ ରାଜଧାନୀର ନାମ ଜାଣ କି ? ମୋ କଲମଟିର ଉପର ଅଂଶଟି ହଜିଗଲା । ଜୀବନର ମୂଲ୍ୟ ବେଶୀ, କି ଖାଦ୍ୟର ମୂଲ୍ୟ ବେଶୀ ?

୨ । ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକରେ ଷଷ୍ଠୀ ବିଭକ୍ତି ଯୋଗ-କରି ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

ଗଛ, ମଣିଷ, ସୁନା, ଲୁଣ, ପୃଥ୍ୱୀ, ଗୃହ, ଯଦୁ, ରାମ, ବ୍ୟାସଦେବ ।

---

## ସମ୍ବୋଧନ

୧ । ରେ ଗୋବିନ୍ଦା, ତୁ ଠିଆ ହୁଅ । ଏ ବାକ୍ୟରେ **ଗୋବିନ୍ଦା** ଜଣେ ଲୋକର ନାମକୁ ବୁଝାଉଅଛି ଏବଂ ତାକୁ ସମ୍ମୁଖକୁ ଡକାଯାଉଛି ।

୨ । ହେ ପ୍ରଭୁ ! ତୁମେ ରକ୍ଷା କର । ଏ ବାକ୍ୟରେ **ଭଗବାନ**ଙ୍କୁ ପ୍ରଭୁ ନାମରେ ଡକାଯାଉଛି ।

**କାହାରିକୁ ସମ୍ମୁଖକୁ ଡାକିବା ପାଇଁ ଯେଉଁ ପଦ ବ୍ୟବହୃତ ହୁଏ, ତାହାକୁ ସମ୍ବୋଧନ ପଦ କହନ୍ତି ।**

ସମ୍ବୋଧନରେ **ପ୍ରଥମା ବିଭକ୍ତି** ହୁଏ ।

ପ୍ରଥମ ବାକ୍ୟରେ **ଗୋବିନ୍ଦା** ପଦର 'ଠିଆହେବା' କ୍ରିୟା ସହିତ ସମ୍ବନ୍ଧ ନାହିଁ, କିମ୍ବା ଦ୍ୱିତୀୟ ବାକ୍ୟରେ 'ରକ୍ଷାକର' କ୍ରିୟା ସହିତ **ପ୍ରଭୁ** ପଦର ସମ୍ବନ୍ଧ ନାହିଁ; ତେଣୁ ଏହି ପଦଗୁଡ଼ିକ କାରକ ନୁହନ୍ତି ।

ସମ୍ବୋଧନ ପଦ ପୂର୍ବରେ ହେ, ରେ, କଲୋ, କରେ, ଆହେ ପ୍ରଭୃତି ବ୍ୟବହୃତ ହୁଏ ।

## ପ୍ରଶ୍ନ

୧ । ସମ୍ବୋଧନ କହିଲେ ତୁମେ କଅଣ ବୁଝୁଛ ? ଉଦାହରଣ ଦେଇ ବୁଝାଇ ଦିଅ ।

୨ । ବିଭକ୍ତି କେତେ ଗୋଟି ?

୩ । ପ୍ରତ୍ୟେକ ବିଭକ୍ତିର ଗୋଟିଏ ଲେଖାଏଁ ଉଦାହରଣ ଦେଇ ବାକ୍ୟ ଲେଖ ।

---

## ବିଭକ୍ତିମାନଙ୍କର ଚିହ୍ନ

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମା | × × | ମାନେ, ମାନ, ଏ, ଗୁଡ଼ିକ, ଗୁଡ଼ାକ । |
| ଦ୍ୱିତୀୟା | କୁ, ଙ୍କୁ | ମାନଙ୍କୁ, ଙ୍କୁ । |
| ତୃତୀୟା | ଦ୍ୱାରା, ଦେଇ, ରେ, କର୍ତ୍ତୃକ | ମାନଙ୍କଦ୍ୱାରା, ମାନଙ୍କଦେଇ, ମାନଙ୍କରେ, ମାନଙ୍କ କର୍ତ୍ତୃକ । |
| ଚତୁର୍ଥୀ | କୁ, ଙ୍କୁ | ମାନଙ୍କୁ, ଙ୍କୁ । |
| ପଞ୍ଚମୀ | ରୁ, ଠାରୁ, ଉ | ମାନଙ୍କରୁ, ମାନଙ୍କଠାରୁ । |
| ଷଷ୍ଠୀ | ର, ଙ୍କ, ଙ୍କର | ମାନଙ୍କର, ମାନଙ୍କ । |
| ସପ୍ତମୀ | ରେ, ଠାରେ, ଏ | ମାନଙ୍କରେ, ମାନଙ୍କଠାରେ । |

୧ । ପଣ୍ଡିତେ କହିଲେ; ୨ । ପଣ୍ଡିତ କହିଲା ।.

ପ୍ରଥମ ବାକ୍ୟରେ **ପଣ୍ଡିତେ** ଏହି ପଦଟି ଜଣକୁ ବୁଝାଉଛି । ଦ୍ୱିତୀୟ ବାକ୍ୟରେ ମଧ୍ୟ **ପଣ୍ଡିତ** ଏହି ପଦଟି ଜଣକୁ ବୁଝାଉଛି । କିନ୍ତୁ ପ୍ରଥମ ବାକ୍ୟରେ ସମ୍ମାନାର୍ଥ ବୁଝାଯାଉଛି; ମାତ୍ର ଦ୍ୱିତୀୟ ବାକ୍ୟରେ ସାଧାରଣ ଅର୍ଥ ବୁଝାଯାଉଛି ।

ସମ୍ମାନ ଅର୍ଥରେ ପ୍ରଥମା ଏକବଚନରେ ସମସ୍ତ ସମୟରେ **ଏ** ଯୁକ୍ତ ହୋଇ ବ୍ୟବହାର କରାଯାଏ ।

ଯଥା:—**ରଥେ** ଆସିବେ; **ଦାସେ** ପୁରାଣ ପଢ଼ିବେ; **ପଟ୍ଟନାୟକେ** ଘରକୁ ଯିବେ—ଇତ୍ୟାଦି ।

ସେହିପରି ଆଦର ଅର୍ଥରେ ପ୍ରଥମା ବିଭକ୍ତିରେ **ଟି, ଟିଏ** ଏବଂ ଅନାଦର ଅର୍ଥରେ **ଟା, ଟାଏ** ର ବ୍ୟବହାର ଦେଖାଯାଏ । ଯଥା:—ପିଲଟି, ଫୁଲଟିଏ, ବଳଦଟା, ଦୁଷ୍ଟଟାଏ—ଇତ୍ୟାଦି ।

## ପ୍ରଶ୍ନ

୧ । ତଳେ ଦିଆଯାଇଥିବା ପଦଗୁଡ଼ିକର ବିଭକ୍ତି ସ୍ଥିର କର ଏବଂ କାରଣ ଦେଖାଅ ।

ପୋଖରୀରୁ ମାଛ ଧରାହେବ । ମହାପାତ୍ରେ ରହିଥିଲେ । ପିଲାଟିକୁ ମାର ନାହିଁ । ରାମ କଲେ ବାଳି ହତ, ସୁଗ୍ରୀବଙ୍କୁ କଲେ ମିତ । ବାଘଟା ଛେଳିକି ଖାଇଗଲା । ତୁମକୁ ଲୋକେ ହସିବେ । ଯୋଗ୍ୟ ଲୋକକୁ ଶ୍ରେଷ୍ଠ ଦିଅ । ପିଲେ ତାକୁଡ଼ିରେ ସୂତା କାଟୁଛନ୍ତି ତୁମ ଦେଇ ଶାଗ ସିଝିବ ନାହିଁ । ମଯୂର ପୁଚ୍ଛରେ ପଙ୍ଖା ହୁଏ । ମାର୍ ମାର୍ ଭଣ୍ଡାରିଆକୁ ମାର୍ ! ମୋତେ କିଛି ଦିଶୁ ନାହିଁ । ଗୁରୁଜନମାନଙ୍କୁ ନମସ୍କାର କର । ଲୋକକୁ ଗୃହାଶିରୁ ଚିହ୍ନିବ । ହରି ! ତୁମ ବନା ଆଜି କିଏ ଅଛି ? ଅସରାଏ ବର୍ଷାରେ ଗୃହରୁ

ପାଣି ଗଡ଼ ପଡ଼ଲା । କଙ୍କଡ଼ାକୁ ଗୋଲପାଣି ସୁହାଏ । କଣ୍ଟାରୁ ଫୁଲକୁ ପାରୁଡ଼ା ପୋକ । ଗୋଦଣ୍ଟ ଲେ ଗୋଡ଼ ତଳକୁ ଝୁହାଁ ।

୨ । ଦାସ, ମାସ, ଫଳ, ମାଙ୍କଡ଼, ନନା, ମା, ପ୍ରଭୁ, ବନେଇ—ଏହି ଶବ୍ଦମାନଙ୍କରେ ଯଥାକ୍ରମେ ପ୍ରଥମାଠାରୁ ୭ମୀ ବିଭକ୍ତି ପର୍ଯ୍ୟନ୍ତ ବିଭକ୍ତି ଯୋଗକରି ରୂପ କହ ।

---

## ସର୍ବନାମର ଲିଙ୍ଗ ଓ ବଚନ

୧ । ରାମଚନ୍ଦ୍ର ଦଶରଥଙ୍କର ପୁଅ, ସେ ରାବଣକୁ ମାରିଥିଲେ ।

୨ । ସୀତା ରାମଙ୍କର ସ୍ତ୍ରୀ, ସେ ରାମଙ୍କ ସଙ୍ଗେ ବନକୁ ଯାଇଥିଲେ ।

୩ । ମୁଁ କାଲି କଲମଟିଏ କିଣିଲି, ତାକୁ ମଞ୍ଜୁକୁ ଦେଲି ।

ପ୍ରଥମ ବାକ୍ୟରେ **ରାମଚନ୍ଦ୍ର** ଏହି ପଦଟି ଜଣେ ପୁରୁଷକୁ ବୁଝାଉଛି; ତେଣୁ **ରାମଚନ୍ଦ୍ର** ପଦଟି **ପୁଂଲିଙ୍ଗ** ଏବଂ ଏକବଚନ । **ସେ** ସର୍ବନାମ ପଦଟି **ରାମଚନ୍ଦ୍ର**କୁ ବୁଝାଉଛି; ତେଣୁ ତାହା ମଧ୍ୟ **ପୁଂଲିଙ୍ଗ** ଏବଂ ଏକବଚନ ।

ଦ୍ୱିତୀୟ ବାକ୍ୟରେ **ସୀତା** ଶବ୍ଦଟି ଜଣେ ସ୍ତ୍ରୀଲୋକକୁ ବୁଝାଉଛି; ତେଣୁ **ସୀତା** ପଦଟି **ସ୍ତ୍ରୀଲିଙ୍ଗ** ଏବଂ ଏକବଚନ । **ସେ** ସର୍ବନାମ ପଦଟି **ସୀତା** ପଦକୁ ବୁଝାଉଛି; ତେଣୁ ତାହା ମଧ୍ୟ **ସ୍ତ୍ରୀଲିଙ୍ଗ** ଏବଂ ଏକବଚନ ।

ତୃତୀୟ ବାକ୍ୟରେ **କଲମ** ପଦଟି ପୁରୁଷ ବା ସ୍ତ୍ରୀକୁ ବୁଝାଉ ନ ଥିବାରୁ ତାହା **କ୍ଲୀବଲିଙ୍ଗ** ଏବଂ **ତାକୁ** ଏହି ସର୍ବନାମ ପଦଟି **କଲମ**କୁ ବୁଝାଉଛି, ତାହା ମଧ୍ୟ **କ୍ଲୀବଲିଙ୍ଗ** ଏବଂ ଏକବଚନ ।

**ଯେଉଁ ବିଶେଷ୍ୟ ପଦ ପରିବର୍ତ୍ତରେ ଯେଉଁ ସର୍ବନାମ ବ୍ୟବହୃତ ହୋଇଥାଏ, ସେହି ସର୍ବନାମର ମଧ୍ୟ ସେହି ବିଶେଷ୍ୟ ପଦ ଲିଙ୍ଗ ଏବଂ ବଚନ ହୋଇଥାଏ ।**

ମୁଁ ଯାଉଛି, ତୁମେ ଆସ । ଏଠାରେ **ମୁଁ** ଏବଂ **ତୁମେ** ଏହି ଦୁଇଟି ପଦ ଉଭୟ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହୁଏ ।

## ପ୍ରଶ୍ନ

୧ । ନିମ୍ନଲିଖିତ ବାକ୍ୟମାନଙ୍କରେ ଥିବା ସର୍ବନାମ ପଦଗୁଡ଼ିକର ଲିଙ୍ଗ ଏବଂ ବଚନ ସ୍ଥିର କର ।

ବୁଢ଼ିଆଣୀ ଗୋଟିଏ କ୍ଷୁଦ୍ର ଜୀବ, ମାତ୍ର ସେ ବଡ଼ କୌଶଳରେ ତାର ଶିକାର ଧରେ । ଖଣ୍ଡଗିରି ଆମ ଓଡ଼ିଶାରେ ପ୍ରସିଦ୍ଧ ସ୍ଥାନ; ସେଥିରେ ବହୁତ ଗୁମ୍ଫା ଅଛି । ଧୋବା କହେ ମୋ ଗାଁ, ଭଣ୍ଡାରି କହେ ମୋ ଗାଁ । ଦୁଆରଟି ବଡ଼ ମଜବୁତ ହୋଇଅଛି ଏବଂ ସେଥିରେ ସୁନ୍ଦର କାରୁକାର୍ଯ୍ୟ ହୋଇଅଛି । ମୀରା ଜଣେ ରାଜକୁମାରୀ, ସେ କୃଷ୍ଣଙ୍କୁ ଭକ୍ତି କରୁଥିଲେ । ବଳଦଟା ବଡ଼ ମାରଣା, ତାର ଶିଙ୍ଗ ଦୁଇଟା ଗୋଜିଆ । ମାଧବ ବାବୁଙ୍କ ଝିଅ ଭଲ ନାଚୁଛି, କାଲି ସେ କଳାବିକାଶ କେନ୍ଦ୍ରରେ ତାର ନାଚ ଦେଖାଇବ । ଦେବୀ ନଦୀରେ ବହୁତ କୁମ୍ଭୀର ଅଛନ୍ତି, ତେଣୁ ସେଥିରେ ଗାଧୋଇବାକୁ ଲୋକେ ଡରନ୍ତି । ବଡ଼ଆ ଭାଇନା ବଡ଼ ଚତୁର, ସେ ମଧ୍ୟ ପରର ଉପକାର କରନ୍ତି ।

## ମୁଁ ସର୍ବନାମ ଶବ୍ଦର ରୂପ

| ବିଭକ୍ତି | ଏକବଚନ | ବହୁବଚନ |
|---|---|---|
| ପ୍ରଥମା | ମୁଁ, ଆମ୍ଭେ | ଆମ୍ଭେ, ଆମ୍ଭେମାନେ । |
| ଦ୍ୱିତୀୟା | ମୋତେ, ଆମ୍ଭଙ୍କୁ | ଆମ୍ଭମାନଙ୍କୁ । |
| ତୃତୀୟା | ମୋଦ୍ୱାରା, ମୋହଦ୍ୱାରା | ଆମ୍ଭମାନଙ୍କଦ୍ୱାରା । |
| ଚତୁର୍ଥୀ | ମୋତେ, ଆମ୍ଭଙ୍କୁ | ଆମ୍ଭମାନଙ୍କୁ । |
| ପଞ୍ଚମୀ | ମୋଠାରୁ, ମୋହଠାରୁ ଆମ୍ଭଠାରୁ | ଆମ୍ଭମାନଙ୍କଠାରୁ |
| ଷଷ୍ଠୀ | ମୋର, ମୋହର, ଆମ୍ଭର | ଆମ୍ଭମାନଙ୍କର । |
| ସପ୍ତମୀ | ମୋଠାରେ, ମୋହଠାରେ | ଆମ୍ଭମାନଙ୍କଠାରେ । |

ଏହିପରି ତୁମ୍ଭେ, ସେ ପ୍ରଭୃତି ସର୍ବନାମ ଶବ୍ଦମାନଙ୍କର ରୂପ ଅଟେ ।

---

# କ୍ରିୟାର ବିଶେଷ ବିଚାର

## ପ୍ରେରଣାର୍ଥକ କ୍ରିୟା

୧ । (କ) ପୁଅ ଖେଳୁଛି, (ଖ) ମା ପୁଅକୁ ଖେଳାଉଛି ।
୨ । (କ) ପିଲେ ପଢ଼ୁଛନ୍ତି, (ଖ) ଶିକ୍ଷକ ପିଲଙ୍କୁ ପଢ଼ାଉଛନ୍ତି ।

ପ୍ରଥମ **କ** ରେ ଖେଳିବା କାର୍ଯ୍ୟ ପୁଅ କରୁଛି, ମାତ୍ର **ଖ** ରେ ମା ପୁଅକୁ ଖେଳିବାକୁ ପ୍ରବର୍ତ୍ତାଉଛି ।

ଦ୍ୱିତୀୟ **କ** ରେ ପିଲମାନେ ପଢ଼ିବା କାର୍ଯ୍ୟ କରୁଛନ୍ତି, ମାତ୍ର **ଖ** ରେ ଶିକ୍ଷକ ପିଲଙ୍କୁ ପଢ଼ିବାକୁ ପ୍ରବର୍ତ୍ତାଉଛନ୍ତି; ତେଣୁ ଖେଳାଉଛି ଓ ପଢ଼ାଉଛନ୍ତି ଏହି ଦୁଇଟି ପ୍ରେରଣାର୍ଥକ କ୍ରିୟା ।

**ଯେଉଁ କ୍ରିୟାରୁ କେହି ପ୍ରବର୍ତ୍ତାଇବା ବୁଝାପଡ଼େ, ତାହାକୁ ପ୍ରେରଣାର୍ଥକ କ୍ରିୟା କହନ୍ତି ।**

---

## ସମାପିକା ଓ ଅସମାପିକା କ୍ରିୟା

୧ । ମୁଁ ବହି ନେଇ ଯାଉଛି ।

୨ । ଭୃତ୍ୟ ଖବର ଦେଇ ଫେରିଗଲା ।

ପ୍ରଥମ ବାକ୍ୟରେ **ନେଇ** ଗୋଟିଏ କାର୍ଯ୍ୟକୁ ବୁଝାଉଛି ଏବଂ **ଯାଉଛି** ଗୋଟିଏ କ୍ରିୟାକୁ ବୁଝାଉଛି । ମାତ୍ର 'ନେଇ' ଏହି ପଦଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ହେଉନାହିଁ; କିନ୍ତୁ 'ଯାଉଛି' ପଦ ଦ୍ୱାରା ଅର୍ଥ ସମ୍ପୂର୍ଣ୍ଣ ବୋଧ ହେଉଛି ।

ସେହିପରି ଦ୍ୱିତୀୟ ବାକ୍ୟରେ **ଦେଇ** ପଦ ଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ହେଉନାହିଁ; ମାତ୍ର **ଫେରିଗଲା** ପଦ ଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ହେଉଛି ।

ତେଣୁ **ଯାଉଛି** ଓ **ଫେରିଗଲା** ଏ ଦୁଇଟି **ସମାପିକା କ୍ରିୟା** ଏବଂ **ନେଇ** ଓ **ଦେଇ** ଏ ଦୁଇଟି **ଅସମାପିକା କ୍ରିୟା** ।

**ଯେଉଁ କ୍ରିୟା ପଦଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ହୁଏ, ତାହା ସମାପିକା କ୍ରିୟା ଏବଂ ଯେଉଁ କ୍ରିୟା ପଦ ଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ହୁଏ ନାହିଁ, ତାହା ଅସମାପିକା କ୍ରିୟା**

---

# ସକର୍ମକ ଓ ଅକର୍ମକ କ୍ରିୟା

ରାମ ଭାତ ଖାଉଛି ।

ପିଲାଟି ଶୋଇଛି ।

ପ୍ରଥମ ବାକ୍ୟରେ ରାମ କଅଣ ଖାଉଛି ? ଏହି ପ୍ରଶ୍ନର ଉତ୍ତରରେ **ଭାତ** ଏହି ଉତ୍ତର ମିଳୁଛି; ତେଣୁ 'ଭାତ' ଏହା କର୍ମ । କିନ୍ତୁ ଦ୍ୱିତୀୟ ବାକ୍ୟରେ ପିଲାଟି କଅଣ ବା କାହାକୁ ଶୋଇଛି ? ଏହି ପ୍ରଶ୍ନର ଉତ୍ତରରେ କୌଣସି କାରକର ସଂକେତ ମିଳେ ନାହିଁ ।

**ଯେଉଁ କ୍ରିୟାରେ କର୍ମର ଆକାଙ୍କ୍ଷା ଥାଏ, ତାହାକୁ ସକର୍ମକ କ୍ରିୟା ଏବଂ ଯେଉଁ କ୍ରିୟାରେ କର୍ମର ଆକାଙ୍କ୍ଷା ନ ଥାଏ, ତାହାକୁ ଅକର୍ମକ କ୍ରିୟା କହନ୍ତି ।**

---

# କ୍ରିୟାର କାଳ, ପୁରୁଷ ଓ ବଚନ

ଧନେଇ ହସୁଛି ।

ଧନେଇ ହସୁଥିଲା ।

ଧନେଇ ହସିବ ।

ପ୍ରଥମ ବାକ୍ୟରେ **ହସୁଛି** ଏହି କ୍ରିୟା ପଦ ଦ୍ୱାରା ହସିବା କାର୍ଯ୍ୟ ବର୍ତ୍ତମାନ ହେଉଥିବା ଜଣାଯାଉଛି; ତେଣୁ **ହସୁଛି** ଏହା ବର୍ତ୍ତମାନ କାଳର କ୍ରିୟା ।

ଦ୍ୱିତୀୟ ବାକ୍ୟରେ **ହସୁଥିଲା** ଏହି କ୍ରିୟାପଦ ଦ୍ୱାରା ହସିବା କାର୍ଯ୍ୟ ଅତୀତରେ ହେଉଥିବା ଜଣାଯାଉଛି; ତେଣୁ **ହସୁଥିଲା** ଅତୀତ କାଳର ବା ଭୂତକାଳର କ୍ରିୟା ।

ତୃତୀୟ ବାକ୍ୟରେ **ହସିବ** ଏହି କ୍ରିୟା ପଦ ଦ୍ୱାରା ହସିବା କାର୍ଯ୍ୟ ଭବିଷ୍ୟତରେ ହେବା ଜଣାଯାଉଛି; ତେଣୁ **ହସିବ** ଏହା ଭବିଷ୍ୟତ କାଳର କ୍ରିୟା ।

**ମନେରଖ :**—କ୍ରିୟାର କାଳ ତିନୋଟି ।

(୧) ବର୍ତ୍ତମାନ, (୨) ଅତୀତ, (୩) ଭବିଷ୍ୟତ ।

**ଯେଉଁ କ୍ରିୟା ପଦଦ୍ୱାରା ବର୍ତ୍ତମାନ କାଳ ଜଣାଯାଏ, ତାହା ବର୍ତ୍ତମାନ କାଳର କ୍ରିୟା ।**

**ଯେଉଁ କ୍ରିୟାପଦ ଦ୍ୱାରା ଅତୀତ କାଳ ଜଣାଯାଏ, ତାହା ଅତୀତ କାଳର କ୍ରିୟା ।**

**ଯେଉଁ କ୍ରିୟା ପଦଦ୍ୱାରା ଭବିଷ୍ୟତ କାଳ ଜଣାଯାଏ, ତାହା ଭବିଷ୍ୟତ କାଳର କ୍ରିୟା ।**

---

## କ୍ରିୟାର ପୁରୁଷ ଓ ବଚନ

୧ । ମୁଁ ପଢ଼ୁଛି, ୨ । ତୁମେ ଦୁହେଁ ପଢ଼ୁଛ, ୩ । ସେମାନେ ପଢ଼ୁଛନ୍ତି ।

ପ୍ରଥମ ବାକ୍ୟରେ **ମୁଁ** ପ୍ରଥମ ପୁରୁଷ ଓ ଏକବଚନ, ତେଣୁ **ପଢ଼ୁଛି** କ୍ରିୟାର ମଧ୍ୟ ପ୍ରଥମ ପୁରୁଷ ଏବଂ ଏକବଚନ । ଦ୍ୱିତୀୟ ବାକ୍ୟରେ **ତୁମେ ଦୁହେଁ** ମଧ୍ୟମ ପୁରୁଷ ଓ ଦ୍ୱିବଚନ, ତେଣୁ **ପଢ଼ୁଛ** କ୍ରିୟାର ମଧ୍ୟ ଦ୍ୱିତୀୟ ପୁରୁଷ ଓ ଦ୍ୱିବଚନ । ତୃତୀୟ ବାକ୍ୟରେ **ସେମାନେ** ତୃତୀୟ ପୁରୁଷ ଓ ବହୁବଚନ, ତେଣୁ **ପଢ଼ୁଛନ୍ତି** କ୍ରିୟାର ମଧ୍ୟ

ତୃତୀୟ ପୁରୁଷ ଓ ବହୁବଚନ, ଅତଏବ କର୍ତ୍ତାର **ପୁରୁଷ** ଓ **ବଚନ** ଅନୁସାରେ କ୍ରିୟାର ମଧ୍ୟ **ପୁରୁଷ** ଓ **ବଚନ,** ହୋଇଥାଏ ।

**ବାକ୍ୟରେ କର୍ତ୍ତା ଯେଉଁ ପୁରୁଷ ଓ ଯେଉଁ ବଚନ କ୍ରିୟାର ମଧ୍ୟ ସେହି ପୁରୁଷ ଓ ସେହି ବଚନ ହୁଏ ।**

## ପ୍ରଶ୍ନ

୧ । ତଳଲିଖିତ ବାକ୍ୟଗୁଡ଼ିକରେ କ୍ରିୟାପଦଗୁଡ଼ିକୁ ପ୍ରେରଣାର୍ଥକ କ୍ରିୟା କରି ବାକ୍ୟରେ ବ୍ୟବହାର କର :—

ମାଙ୍କଡ଼ ନାଚୁଛି । ତୁମେ ହସିବ । ପିଲାଟି ଶୋଇପଡ଼ିଲା । ଫଳଟି ଗଛରୁ ପଡ଼ିଲା । ଦୀପ ଲିଭିଲା । ଫୁଟବଲଟି ଗଡ଼ୁଛି । ମୋ ଝରକଲମଟି ହଜିଗଲା । ଝିଅଟି ଦୁଧ ପିଉଛି । ସୁଧାଂଶୁ ବସି ଟଙ୍କା ଗଣୁଛି । ଗଉଡ଼ମାନେ ସବାରି ବୋହୁଥିଲେ ।

୨ । ଯିବା, ଆସିବା ଓ ପଢ଼ିବା—ଏହି କ୍ରିୟାଗୁଡ଼ିକୁ ସକର୍ମକ ଓ ଅକର୍ମକ ରୂପେ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଲେଖ ।

୩ । ତଗରଟି ଫୁଲ କେବେ **ଫୁଟେ** ? ପଦୁର ଗୋଡ଼ରେ ଆଘାତ **ଲାଗିଲା** । ବାପା ଏଠାକୁ **ଆସୁଛନ୍ତି** । ତୁମେ କୁଆଡ଼େ **ଯିବ** ? ଆମେ **ଶୁଣିଲୁ** । ଆମ ଦେଶ କେବେ ସ୍ୱାଧୀନ **ହେଲା** ? ଏହି ଦେଶରେ ଶ୍ରୀକୃଷ୍ଣ ଜନ୍ମ **ହୋଇଥିଲେ** । ଆମ ବିଦ୍ୟାଳୟରେ ପ୍ରତିବର୍ଷ ସରସ୍ୱତୀ ପୂଜା **ହୁଏ** ।

ବଡ଼ ଅକ୍ଷରରେ ଦିଆଯାଇଥିବା କ୍ରିୟାପଦଗୁଡ଼ିକର କାଳ ନିର୍ଣ୍ଣୟ କର ।

୪ । ନିମ୍ନଲିଖିତ ବାକ୍ୟଗୁଡ଼ିକରୁ କ୍ରିୟାର ପୁରୁଷ ଓ ବଚନ ଠିକ୍ କର :—

ଯିବ ତ ଯାଅ, ନ ହେଲେ ଗାଳି ଦେବ । ଆମେ କାଲି ଆସିଲୁ, କିନ୍ତୁ ମାଆ ମାସେ ପରେ ଆସିବେ । ହରିଣଟି ଦଉଡ଼ୁଛି, କୁକୁର ଦୁଇଟି ତାକୁ ଗୋଡ଼ାଉଛନ୍ତି । ହେମାର ଦୁଇ ଭାଇ ଓ ଦୁଇ ଭଉଣୀ ଅଛନ୍ତି । ସିଏମାନେ ଭଲ ପଢ଼ନ୍ତି ଓ ମନେ ରଖନ୍ତି । ଲୀନା ଗୀତ ଗାଇ ଜାଣେ ଓ ଭଲ ନାଚ ଜାଣେ । ତୁମେ ଯେବେ ଶ୍ରେଷ୍ଠ ପାଇ ଜିଣିବ, ତେବେ ମନ୍ତ୍ରୀ ହେବ । ଭିକାରୀଟି ଗାଇ ଗାଇ ପଇସା ମାଗୁଥିଲା । ମୋତେ ଆଉ ଚିଡ଼ାଅ ନାହିଁ, ମୋ ମନ ରାଗିଗଲାଣି ।

୫ । ଶୂନ୍ୟସ୍ଥାନ ପୂରଣ କର ।

ରାମ ମୋତେ ଭାଲୁ ଭାଙ୍ଗୁଛି— । କିଏ—ତୁମେ ଭଲ ମିଳିଲି ? ଡାମର କାଉ, ଉଚ୍ଚ ଘରବନ୍ଦେ— । ନଈ—ଗାଁ ଗଣ୍ଡା — — । ଗଣେଶ ପୂଜା କେବେ —? ତୁମେ ଯାହା— ତାହା ମୁଁ— । —କେଳାଟିଏ ମାଙ୍କଡ଼ — । ତୁମ ମୁଣ୍ଡ— ଉପରେ ପାଚିଲା ଆମ୍ବଟିଏ — । ଯିବତ —, ନଚେତ୍ ଚୁପ୍ ହୋଇ — । ଲୋଚନା ସମସ୍ତଙ୍କୁ ନାକ — ।

---

# ସନ୍ଧି

୧ । କୋମଳ ଆସନରେ ବସ । କୋମଳାସନରେ ବସ । ପ୍ରଥମ ବାକ୍ୟରେ **କୋମଳ ଆସନ** ଏବଂ ଦ୍ୱିତୀୟ ବାକ୍ୟରେ **କୋମଳାସନ**—ଏ ଦୁଇଟିର ଅର୍ଥରେ କିଛି ପ୍ରଭେଦ ନାହିଁ ।

କେବଳ ଦ୍ୱିତୀୟ ବାକ୍ୟରେ **କୋମଳ** ଶେଷରେ ଥିବା **ଅ ଓ ଆସନ** ଆଦ୍ୟରେ ଥିବା **ଆ**—ଏ ଦୁଇଟି ମିଳି **ଆ** ହୋଇଛି ।

**ଅ ଓ ଆ** ଦୁଇଟି ସ୍ୱରବର୍ଣ୍ଣ । ଏହିପରି ଦୁଇଟି ସ୍ୱରବର୍ଣ୍ଣର ମିଳନକୁ **ସ୍ୱରସନ୍ଧି** କହନ୍ତି ।

୨ । ଜଗତ୍ ଜନନୀଙ୍କୁ ପୂଜା କର । ଜଗଜ୍ଜନନୀଙ୍କୁ ପୂଜା କର । ପ୍ରଥମ ବାକ୍ୟରେ **ଜଗତ୍ ଜନନୀ** ଏବଂ ଦ୍ୱିତୀୟ ବାକ୍ୟରେ **ଜଗଜ୍ଜନନୀ**—ଏ ଦୁଇଟିର ଅର୍ଥରେ କୌଣସି ପ୍ରଭେଦ ନାହିଁ । କେବଳ ପ୍ରଥମ ବାକ୍ୟରେ **ଜଗତ୍** ଶେଷରେ ଥିବା **ତ୍** ଏବଂ ଦ୍ୱିତୀୟ ବାକ୍ୟରେ **ଜନନୀ** ଆରମ୍ଭରେ ଥିବା **ଜ**—ଏ ଦୁଇଟି ମିଶି **ଜ୍ଜ** ହୋଇଛି ।

**ତ ଓ ଜ** ଦୁଇଟି ବ୍ୟଞ୍ଜନ ବର୍ଣ୍ଣ । ଏହିପରି ଦୁଇଟି ବ୍ୟଞ୍ଜନ ବର୍ଣ୍ଣର ମିଳନକୁ **ବ୍ୟଞ୍ଜନସନ୍ଧି** କହନ୍ତି ।

**ସ୍ୱରବର୍ଣ୍ଣ ସହିତ ସ୍ୱରବର୍ଣ୍ଣର ମିଳନକୁ ସ୍ୱରସନ୍ଧି ଏବଂ ବ୍ୟଞ୍ଜନବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କୁହାଯାଏ ।**

---

## ସ୍ୱରସନ୍ଧି

ମତ + ଅନ୍ତର = ମତାନ୍ତର । ଗୁଣ + ଆଧାର = ଗୁଣାଧାର । ସୁଧା + ଅଂଶୁ = ସୁଧାଂଶୁ । ବିଦ୍ୟା + ଆଳୟ = ବିଦ୍ୟାଳୟ ।

ଅତଏବ—

**ଅ କାର୍ ବା ଆ କାର ପରେ ଅକାର ବା ଆକାର ଥିଲେ ଦୁହେଁ ମିଶି ଆ ହୁଅନ୍ତି; ଆ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ରବି+ଇନ୍ଦ୍ର=ରବୀନ୍ଦ୍ର ।
ପରି+ଈକ୍ଷା=ପରୀକ୍ଷା ।
ଶଚୀ+ଇନ୍ଦ୍ର=ଶଚୀନ୍ଦ୍ର ।
ମହୀ+ଈଶ୍ୱର=ମହୀଶ୍ୱର ।

ଅତଏବ—

**ଇ କାର୍ ବା ଈ କାର ପରେ ଇକାର ବା ଈକାର ଥିଲେ ଦୁହେଁ ମିଶି ଈକାର ହୁଅନ୍ତି; ଈକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ଅତଏବ—

ସୁ+ଉକ୍ତ=ସୂକ୍ତ ।
ସିନ୍ଧୁ+ଊର୍ମି=ସିନ୍ଧୂର୍ମି ।
ଭୂ+ଉଦର=ଭୂଦର ।
ଭୂ+ଊର୍ଦ୍ଧ୍ୱ=ଭୂର୍ଦ୍ଧ୍ୱ ।

**ଉ କାର୍ ବା ଊ କାର ପରେ ଉକାର ବା ଊକାର ଥିଲେ ଦୁହେଁ ମିଶି ଊକାର ହୁଅନ୍ତି; ଊକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ମାତୃ+ଋଣ=ମାତୄଣ ।
ଦୁହିତୃ+ଋଦ୍ଧି=ଦୁହିତୄଦ୍ଧି (ଝିଅର ସମ୍ପତ୍ତି) ।

ଅତଏବ—

**ଉ କାର ବା ଊ କାର ପରେ ଉକାର ବା ଊକାର ଥିଲେ ଦୁହେଁ ମିଶି ଊକାର ହୁଅନ୍ତି । ଊକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ଅ, ଆ + ଇ, ଈ = ଏ ହୁଏ ।
ପୂର୍ଣ୍ଣ + ଇନ୍ଦୁ = ପୂର୍ଣ୍ଣେନ୍ଦୁ (ପୂର୍ଣ୍ଣଚନ୍ଦ୍ର) ।
ଗଣ + ଈଶ୍ୱର = ଗଣେଶ୍ୱର ।
ଯଥା + ଇଷ୍ଟ = ଯଥେଷ୍ଟ ।
ଉମା + ଈଶ = ଉମେଶ ।

ଅତଏବ—

**ଅ କାର ବା ଆ କାର ପରେ ଇକାର ବା ଈକାର ଥିଲେ ଦୁହେଁ ମିଶି ଏକାର ହୁଅନ୍ତି । ଏକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ଅ, ଆ + ଉ, ଊ = ଓ ହୁଏ ।
ଭାଗ୍ୟ + ଉଦୟ = ଭାଗ୍ୟୋଦୟ ।
ମହା + ଉଦୟ = ମହୋଦୟ ।
ମହା + ଊର୍ମି = ମହୋର୍ମି ।

ଅତଏବ—

**ଅ କାର ବା ଆ କାର ପରେ ଉକାର ବା ଊକାର ଥିଲେ ଦୁହେଁ ମିଶି ଓକାର ହୁଅନ୍ତି । ଓକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ଅ, ଆ + ଋ, ୠ = **ଅର୍** ହୁଏ ।
ଉତ୍ତମ + ଋଣ=ଉତ୍ତମର୍ଣ୍ଣ (ମହାଜନ) ।
ମହା + ଋଷି=ମହର୍ଷି ।

ଅତଏବ—

**ଅ କାର ବା ଆ କାର ପରେ ଋକାର ବା ୠକାର ଥିଲେ ଦୁହେଁ ମିଶି ଅର୍ ହୁଅନ୍ତି । ଅକାର ପୂର୍ବ ବର୍ଣ୍ଣରେ ଓ ର୍ ପର ବର୍ଣ୍ଣରେ ରେଫ୍ ହୋଇ ଯୁକ୍ତ ହୁଏ ।**

ଧନ=ଏକ=ଧନୈକ ।
ଯଥା + ଏବ=ଯଥୈବ ।
ମତ + ଐକ୍ୟ=ମତୈକ୍ୟ ।
ମହା + ଐଶ୍ୱର୍ଯ୍ୟ =ମହୈଶ୍ୱର୍ଯ୍ୟ ।

ଅତଏବ—

**ଅ କାର ବା ଆ କାର ପରେ ଏକାର ବା ଐକାର ଥିଲେ ଦୁହେଁ ମିଶି ଐକାର ହୁଅନ୍ତି । ଐକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ବନ + ଓକା=ବନୌକା ।
ବନ + ଔଷଧି = ବନୌଷଧି ।
ମହା + ଓଜ = ମହୌଜ ।
ମହା + ଔଦ୍ଧତ୍ୟ=ମହୌଦ୍ଧତ୍ୟ ।

ଅତଏବ—

**ଅ କାର କିମ୍ବା ଆ କାର ପରେ ଓକାର ବା ଔକାର ଥିଲେ ଦୁହେଁ ମିଶି ଔକାର ହୁଅନ୍ତି । ଔକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ଅତି + ଉଦ୍ଧତ = ଅତ୍ୟୁଦ୍ଧତ ।
ଅତି + ଆହାର = ଅତ୍ୟାହାର ।
ଗତି + ଅନ୍ତର = ଗତ୍ୟନ୍ତର ।
ଅତି + ଔତ୍ସୁକ୍ୟ = ଅତ୍ୟୌତ୍ସୁକ୍ୟ ।
ସୂଚୀ + ଅଗ୍ର = ସୂଚ୍ୟଗ୍ର ।

ଅତଏବ—

**ଇ କାର କିମ୍ବା ଈ କାର ପରେ ଇକାର ବା ଈକାର ଭିନ୍ନ ସ୍ୱରବର୍ଣ୍ଣ ଥିଲେ ଇକାର ଏବଂ ଈକାର ସ୍ଥାନରେ ଯ୍ ହୁଏ । ଯ୍ ପର ବ୍ୟଞ୍ଜନ ବର୍ଣ୍ଣ ସହିତ ଯୁକ୍ତ ହୁଏ ।**

ଅନୁ + ଅୟ = ଅନ୍ୱୟ ।
ବଧୂ + ଆଗମନ = ବଧ୍ୱାଗମନ ।
ଅନୁ + ଏଷଣ = ଅନ୍ୱେଷଣ ।
ସାଧୁ + ଆଶା = ସାଧ୍ୱାଶା ।

ଅତଏବ—

**ଉ କାର କିମ୍ବା ଊ କାର ପରେ ଉକାର ବା ଊକାର ଭିନ୍ନ ସ୍ୱରବର୍ଣ୍ଣ ଥିଲେ ଉକାର ଓ ଊକାର ସ୍ଥାନରେ ବ୍ ହୁଏ । ବ୍ (ବଫଳା) ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

ନେ + ଅନ = ନୟନ ।
ଶେ + ଅନ = ଶୟନ ।
ନୈ + ଅକ = ନାୟକ ।

---

**ବି: ଦ୍ର:**—ରକାର ବ୍ୟତୀତ ଅନ୍ୟ ବ୍ୟଞ୍ଜନ ବର୍ଣ୍ଣରେ ଯ୍ (ୟ ଫଳା) ହୋଇ ବ୍ୟବହୃତ ହୁଏ, କିନ୍ତୁ ର କାର ଥିଲେ ତାହା ଯ୍ ଉପରେ ରେଫ୍ ହୋଇ ବ୍ୟବହୃତ ହୁଏ । ଯଥା:—ଅତି + ଅଧିକ = ଅତ୍ୟଧିକ; ମାତ୍ର, ଉପରି + ଉପରି = ଉପର୍ଯ୍ୟୁପରି ।

ଅତଏବ—

**ଏ କାର କିମ୍ବା ଐ କାର ପରେ ଏକାର ବା ଐକାର ଭିନ୍ନ ସ୍ୱରବର୍ଣ୍ଣ ଥିଲେ ଏକାର ଓ ଐକାର ସ୍ଥାନରେ ଅୟ୍‌ ଏବଂ ଆୟ୍‌ ହୁଏ ।**

ଗୋ + ଆହାର = ଗବାହାର ।

ପୋ + ଅନ = ପବନ ।

ପୌ + ଅକ = ପାବକ ।

ଅତଏବ—

**ଓ କାର ବା ଔ କାର ପରେ ଏକାର ବା ଐକାର ଭିନ୍ନ ସ୍ୱରବର୍ଣ୍ଣ ଥିଲେ ଓକାର ସ୍ଥାନରେ ଅବ୍‌ ଏବଂ ଔକାର ସ୍ଥାନରେ ଆବ୍‌ ହୁଏ ।**

ମାତୃ + ଅନୁମତି = ମାତ୍ରନୁମତି ।

ପିତୃ + ଆଦେଶ = ପିତ୍ରାଦେଶ ।

ଭ୍ରାତୃ + ଆଜ୍ଞା = ଭ୍ରାତ୍ରାଜ୍ଞା ।

ଅତଏବ—

**ଋ କାର ପରେ ଋ କାର ଭିନ୍ନ ସ୍ୱରବର୍ଣ୍ଣ ଥିଲେ ଋକାର ସ୍ଥାନରେ ର୍‌ ( ର ଫଳା ) ହୁଏ । ରକାର ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

**ବିଶେଷ ବ୍ୟବହାର:—**

ବିମ୍ବ + ଓଷ୍ଠ = ବିମ୍ବୋଷ୍ଠ ।

ଶୁଦ୍ଧ + ଓଦନ = ଶୁଦ୍ଧୋଦନ ।

ଦୁଃଖ + ଋତ = ଦୁଃଖାର୍ତ୍ତ ।

କ୍ଷୁଧା + ଋତ = କ୍ଷୁଧାର୍ତ୍ତ ।

ଗୋ+ଅକ୍ଷ=ଗବାକ୍ଷ ।
କୁଳ+ଅଟା=କୁଳଟା ।

ଉପରଲିଖିତ ସନ୍ଧିଗୁଡ଼ିକରେ ପୂର୍ବ ସୂତ୍ର ଖଟେ ନାହିଁ ।

## ପ୍ରଶ୍ନ

୧ । ସନ୍ଧି କାହାକୁ କହନ୍ତି ? ସନ୍ଧି କାହିଁକି କରାଯାଏ ?

୨ । ସନ୍ଧି କର :—

ପର+ଅନ୍ତ, ପ୍ରତି+ଉତ୍ତର, ସନ୍ଧ୍ୟା+ଆଳତି, ସୁର=ଈଶ, ମହା+ଈଶ୍ୱର, ପଦ+ଉନ୍ନତି, ଶୁଦ୍ଧ+ଉଦକ, ତୃଷା+ଋତ, ମହା+ଋଷି, ପିତୃ+ଆଜ୍ଞା, ଶେ+ଅନ, ପ୍ରତି+ଏକ, ନୈ+ଅକ, ବିଦ୍ୟା+ଆଳୟ, ମାତୃ+ଆଜ୍ଞା, ବଧୂ+ଉତ୍ସବ, ଗୋ+ଇନ୍ଦ୍ର, ସୁ+ଉକ୍ତି, ରମା+ଈଶ, କବି+ଇନ୍ଦ୍ର, ଗୋ+ଏଷଣା, ପର+ଅବେକ୍ଷଣ, ସୀମା+ଅନ୍ତ ।

୩ । ସନ୍ଧି ବିଚ୍ଛେଦ କର :—

ସ୍ୱାଗତ, ଗାୟକ, ଭବନ, ଶୋକାକୁଳ, କାଳାତିପାତ, ଅଧମର୍ଣ୍ଣ (ଖାତକ), ହିତୈଷୀ, ଲମ୍ବୋଦର, ସୂର୍ଯ୍ୟୋଦୟ, ପୂର୍ବାପର, ଅନ୍ୱେଷଣ, କ୍ଷୁଧାର୍ତ୍ତ, ପରୀକ୍ଷା, ଫଳାହାର, ଜଳୌକା, ଗଣେଶ, ମନ୍ୱନ୍ତର, ଭବାର୍ଣ୍ଣବ, ସ୍ତାବକ ।

# ବ୍ୟଞ୍ଜନ ସନ୍ଧି

ବୃହତ୍ + ଜଗତ୍ = ବୃହଜ୍ଜଗତ୍,
ବାକ୍ + ଈଶ = ବାଗୀଶ,
ସତ୍ + ଇଚ୍ଛା = ସଦିଚ୍ଛା,
ଅସତ୍ + ଧନ = ଅସଦ୍ଧନ,
ଷଟ୍ + ବଧ = ଷଡ୍‌ବଧ,
ଅତ୍ + ଭୁତ = ଅଦ୍ଭୁତ,
ଉତ୍ + ଯୋଗ = ଉଦ୍‌ଯୋଗ,
ଅପ୍ + ଜ = ଅବ୍‌ଜ,
ଷଟ୍ + ଆନନ = ଷଡ଼ାନନ ।

ଅତଏବ—

**ସ୍ୱରବର୍ଣ୍ଣ, ବର୍ଗମାନଙ୍କର ତୃତୀୟ, ଚତୁର୍ଥ ବର୍ଣ୍ଣ ଏବଂ ଯ, ର, ଲ, ବ ପରେ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେହି ବର୍ଗର ତୃତୀୟ ବର୍ଣ୍ଣ ହୁଏ ।**

( ଅର୍ଥାତ୍ ତ୍ = ଦ୍, ପ୍ = ବ୍, କ୍ = ଗ୍, ଟ୍ = ଡ଼୍ )

ବାକ୍ + ମଧୁର = ବାଙ୍‌ମଧୁର,
ଚିତ୍ + ମୟ = ଚିନ୍ମୟ,
ଜଗତ୍ + ନାଥ = ଜଗନ୍ନାଥ ।

ଅତଏବ—

**ବର୍ଗର ପ୍ରଥମ ବର୍ଣ୍ଣ ପରେ ନ କାର କିମ୍ବା ମ କାର ଥିଲେ ବଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେହି ବର୍ଗର ପଞ୍ଚମ ବର୍ଣ୍ଣ ହୁଏ ।**

(କ୍ = ଙ, ତ୍ = ନ)

ଉତ୍ + ଡୀନ = ଉଡ୍ଡୀନ,
ବୃହତ୍ + ଢକାର = ବୃହଡ୍ଢକାର ।

ଅତଏବ—

**ତ୍ ପରେ ଡ କିମ୍ବା ଢ ଥିଲେ ତ୍ ସ୍ଥାନରେ ଡ୍ ହୁଏ ।**

ଉତ୍ + ଲେଖ = ଉଲ୍ଲେଖ,
ମହତ୍ + ଲୋକ = ମହଲ୍ଲୋକ,
ଉତ୍ + ଲଙ୍ଘନ = ଉଲ୍ଲଙ୍ଘନ,
ତଡ଼ିତ୍ + ଲତା = ତଡ଼ିଲ୍ଲତା ।

ଅତଏବ—

**ତ୍ ପରେ ଲ ଥିଲେ ତ୍ ସ୍ଥାନରେ ଲ ହୁଏ ।**

ଉତ୍ + ଶୃଙ୍ଖଳା = ଉଚ୍ଛୃଙ୍ଖଳା,
ଉତ୍ + ଛେଦ = ଉଚ୍ଛେଦ,
ବୃହତ୍ + ଶାରଦ = ବୃହଚ୍ଛାରଦ ।

ଅତଏବ—

**ତ୍ ପରେ ଶ୍ ଥିଲେ ତ୍ ସ୍ଥାନରେ ଚ ଓ ଶ୍ ସ୍ଥାନରେ ଛ ହୁଏ ।** ( ତ୍ + ଶ୍ = ଚ୍ଛ )

## ପ୍ରଶ୍ନ

୧ । ସନ୍ଧି କର :—

ଜଗତ୍ + ଜନନୀ, ଉତ୍ + ବିଗ୍ନ, ଉତ୍ + ବେଗ, ସତ୍ + ବଚନ, ଶରତ୍ + ଚନ୍ଦ୍ର, ଅସତ୍ + ଭାବ, ଜଗତ୍ + ଲୋକ, ଉତ୍ + ଶ୍ୱାସ, ସତ୍ + ଚିତ୍, ମହାନ୍ + ଲାଭ, ଉତ୍ + ସର୍ଗ, ଷଟ୍ + ତ ।

---

**ଦ୍ର: —** ବ୍ୟଞ୍ଜନ ସନ୍ଧିଜନିତ ବର୍ଣ୍ଣଗୁଡ଼ିକ ସଂଯୁକ୍ତବର୍ଣ୍ଣ ଅଟନ୍ତି ।

୨ । ସନ୍ଧି ବିଚ୍ଛେଦ କର:---
ବିପ୍ଳାତ, ସମ୍ଭାବନା, ଚଳଚ୍ଚିତ୍ର, ଚକ୍ଷିତ, ଉଦ୍ବେଳନ, ବାଗ୍‌ଦାନ, ଚିନ୍ମୟ, ଉନ୍ମୀଳନ, ଉଦ୍ଭାବନ, ଉଲ୍ଲାସ ଚିନ୍ମୟୀ, ଜଗଦ୍ଧାତ୍ରୀ, ବୃହଦ୍‌ଉଦ୍ଭିଦ, ଅବ୍‌ଜ, ସଚ୍ଚାଶୀ, ଉତ୍ପାଦନ ।

---

# ବିସର୍ଗ ସନ୍ଧି

ନିଃ + ଚିନ୍ତ = ନିଶ୍ଚିନ୍ତ,
ନଭଃ + ଚର = ନଭଶ୍ଚର,
ଧନୁଃ + ଟଙ୍କାର = ଧନୁଷ୍ଟଙ୍କାର,
ମନଃ + ତାପ = ମନସ୍ତାପ ।

ଅତଏବ

**ବିସର୍ଗ ( ଃ ) ପରେ ଚ ବା ଛ ଥିଲେ ବିସର୍ଗ ସ୍ଥାନରେ ଶ୍ ହୁଏ । ବିସର୍ଗ ( ଃ ) ପରେ ଟ ବା ଠ ଥିଲେ ବିସର୍ଗ ସ୍ଥାନରେ ଷ୍ ହୁଏ ଏବଂ ବିସର୍ଗ ( ଃ ) ପରେ ତ କିମ୍ବା ଥ ଥିଲେ ବିସର୍ଗ ସ୍ଥାନରେ ସ୍ ହୁଏ ।**

ଶିରଃ + ବ୍ୟଥା = ଶିରୋବ୍ୟଥା,
ପୟଃ + ଧର = ପୟୋଧର,
ତପଃ + ବନ = ତପୋବନ,
ଅଧଃ + ଗତ = ଅଧୋଗତ ।

ଅତଏବ –

**ବିସର୍ଗ ପରେ ଅ କାର, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମ ବର୍ଣ୍ଣ କିମ୍ବା ଯ, ର, ଲ, ବ, ହ, ଥିଲେ**

**ବିସର୍ଗ ସ୍ଥାନରେ ଓ ହୁଏ ଏବଂ ଓ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।**

ନିଃ+ଜନ=ନିର୍ଜନ,
ଦୁଃ+ଜୟ=ଦୁର୍ଜୟ,
ନିଃ+ଈକ୍ଷଣ=ନିରୀକ୍ଷଣ,
ଆୟୁଃ+ବେଦ=ଆୟୁର୍ବେଦ

ଅତଏବ—

**ସ୍ୱରବର୍ଣ୍ଣ ପରେ ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମ, ବର୍ଣ୍ଣ କିମ୍ବା ଯ, ର, ଲ, ବ, ହ ଥିଲେ ବିସର୍ଗ ସ୍ଥାନରେ ର ହୁଏ ।**

## ପ୍ରଶ୍ନ

୧ । ସନ୍ଧି କର:—

ଅତଃ+ଏବ, ମନଃ+ବଳ, ତମଃ+ମୟ, ନିଃ+ଲୋଭ, ଶିରଃ+ପାଣି, ନିଃ+ଚିନ୍ତ, ଶିରଃ+ଛେଦ, ଆ+ଚ୍ଛଦନ, ଦୁଃ+ଭାବନା, ପୟଃ+ଦ ।

୨ । ସନ୍ଧି ବିଚ୍ଛେଦ କର:—

ଦୁରାରୋଗ୍ୟ, ନିଷ୍ପନ୍ନ, ଧନୁର୍ବେଦ, ଅନ୍ତର୍ନିହିତ, ବିସ୍ତୀର୍ଣ୍ଣ, ମନୋରଥ, ଅନ୍ତର୍ଗତ, ନିଶ୍ଚିନ୍ତ, ନିର୍ଲଜ୍ଜ, ଦୁ[illegible]ଗ ।

---

## ସମାସ

୧ । (କ) **ଲବ** ଓ **କୁଶ** ଦୁହେଁ ଯାଆଁଲା ଭାଇ ଅଟନ୍ତି ।

(ଖ) **ଲବ କୁଶ** ଦୁହେଁ ଯାଆଁଲା ଭାଇ ଅଟନ୍ତି ।

୨ । (କ) ହରି **ମନରୁ ଗଢ଼ା** କଥା କହୁଛି ।

(ଖ) ହରି **ମନଗଢ଼ା** କଥା କହୁଛି ।

ପ୍ରଥମ ଉଦାହରଣରେ'କ' ଓ 'ଖ' ଚିହ୍ନିତ ବାକ୍ୟ ଦୁଇଟିର ଅର୍ଥ ସମାନ; କେବଳ **ଲବ** ଓ **କୁଶ** ଏହା ପରିବର୍ତ୍ତେ 'ଖ' ବାକ୍ୟରେ **ଲବକୁଶ** ଏହି ଗୋଟିଏ ପଦ ବ୍ୟବହୃତ ହୋଇଛି ।

ଦ୍ୱିତୀୟ ଉଦାହରଣରେ 'କ' ଓ 'ଖ' ଚିହ୍ନିତ ବାକ୍ୟ ଦୁଇଟିର ଅର୍ଥ ସମାନ; ମାତ୍ର 'କ' ଚିହ୍ନିତ ବାକ୍ୟରେ ଥିବା **ମନରୁ ଗଢ଼ା** ଏହା ସ୍ଥାନରେ 'ଖ' ଚିହ୍ନିତ ବାକ୍ୟରେ **ମନଗଢ଼ା** ପଦଟି ଗୋଟିଏ ପଦରେ ବ୍ୟବହୃତ ହୋଇଛି ଏବଂ ଏଗୁଡ଼ିକ ଅପେକ୍ଷାକୃତ କାନକୁ ଭଲ ଲାଗୁଛି ।

ଅତଏବ—

**ଯେଉଁଠାରେ ଦୁଇ ବା ତତୋଧିକ ପଦ ମିଳିତ ହୋଇ ଗୋଟିଏ ପଦ ହୋଇଥାଏ, ତାହାକୁ ସମାସ କହନ୍ତି ।**

**ନିୟମ—**

ସମାସରେ ଦୁଇ ବା ତତୋଧିକ ପଦ ମିଳିତ ହୋଇ ଗୋଟିଏ ଗୋଟିଏ ପଦ ହୁଅନ୍ତି । ସମାସ ହେଲେ ଦୁଇ ପଦର ବିଭକ୍ତି ଲୋପ ହୁଏ । ଆବଶ୍ୟକ ସ୍ଥଳେ ସନ୍ଧି ନିଶ୍ଚୟ କରିବାକୁ ହୁଏ ।

ଯଥା:—

ବିଦ୍ୟାର ଆଳୟ = ବିଦ୍ୟାଳୟ; କିନ୍ତୁ ବିଦ୍ୟା ଆଳୟ ହେବ ନାହିଁ ।

**ସମାସ ଛଅ ପ୍ରକାର** ।—ଅବ୍ୟୟୀଭାବ, ତତ୍ପୁରୁଷ, କର୍ମଧାରୟ, ଦ୍ୱିଗୁ, ବହୁବ୍ରୀହି ଓ ଦ୍ୱନ୍ଦ୍ୱ ।

# ଅବ୍ୟୟୀ ଭାବ

୧ । ଉପକୂଳ ପ୍ରଦେଶରେ ବହୁତ ଲୋକ ବାସକରନ୍ତି ।

୨ । ସେ ଯଥାଶକ୍ତି ସାହାଯ୍ୟ କଲେ ।

ପ୍ରଥମ ବାକ୍ୟରେ **କୂଳସମୀପ** ପଦବଦଳେ **ଉପକୂଳ** ପଦ ଏବଂ ଦ୍ୱିତୀୟ ବାକ୍ୟରେ **ଶକ୍ତିକୁ ଅତିକ୍ରମ ନ କରି** ପଦବଦଳେ **ଯଥାଶକ୍ତି** ପଦ ବ୍ୟବହୃତ ହୋଇଛି ।

ଅତଏବ—

**ଯେଉଁ ସମାସରେ ସମୀପ, ଅଭାବ ପ୍ରଭୃତି ଅର୍ଥରେ ଅବ୍ୟୟ ପଦ ସହିତ ଅନ୍ୟ ପଦର ସମାସ ହୁଏ, ତାହାକୁ ଅବ୍ୟୟୀଭାବ ସମାସ କହନ୍ତି ।**

## ପ୍ରଶ୍ନ

୧ । ତଳେ ବଡ଼ ଅକ୍ଷରରେ ଦିଆଯାଇଥିବା ପଦଗୁଡ଼ିକୁ ଗୋଟିଏ ଗୋଟିଏ ପଦରେ ବ୍ୟବହାର କର:—

ଯେଉଁ କାଳରେ **ଭିକ୍ଷା ଅଭାବ** ସେତେବେଳେ କିଏ କାହାକୁ ପୁଛିବ ! ମୁଁ ଆଜି **କଣ୍ଠ ପର୍ଯ୍ୟନ୍ତ** ଭୋଜନ କଲି । ଯେଉଁଠାରେ **ଜନମାନଙ୍କ ଅଭାବ** ସେଠାରେ କିଏ ରହିବ । ପୁରୀର **କଣର ସମୀପରେ** ବହୁତ ଶାସନ ଅଛି । ତୁମେ **ଥରକୁ ଥର** ଭୁଲ କରୁଛ । ସେ ତାଙ୍କ **ଶକ୍ତିକୁ ଅତିକ୍ରମ କରି** କାମ କରୁଛନ୍ତି । ଯେଉଁ ସ୍ଥାନରେ **ଜନମାନଙ୍କର ଅଭାବ** ସେଠାରେ କିଏ ବା ରହିବ । ହରିଶ୍ଚନ୍ଦ୍ର **ସମୁଦ୍ର ପର୍ଯ୍ୟନ୍ତ** ପୃଥିବୀକୁ ବିଶ୍ୱାମିତ୍ରଙ୍କୁ ଦାନ କରିଥିଲେ ।

# ତତ୍ପୁରୁଷ

୧ । ଆସ ନଦୀକୂଳରେ ବୁଲିବା ।

୨ । ପାଠ ପଢ଼ାରେ ମନ ଦିଅ ।

ପ୍ରଥମ ବାକ୍ୟରେ **ନଦୀର କୂଳ** ପରିବର୍ତ୍ତେ **ନଦୀକୂଳ** ପଦ ଓ ଦ୍ୱିତୀୟ ବାକ୍ୟରେ **ପାଠକୁ ପଢ଼ା** ପରିବର୍ତ୍ତେ **ପାଠପଢ଼ା** ପଦ ବ୍ୟବହୃତ ହୋଇଅଛି । ନଦୀର କୂଳ ଓ ପାଠକୁ ପଢ଼ା ଏହା ସମାସବାକ୍ୟ ଏବଂ ନଦୀକୂଳ ଓ ପାଠପଢ଼ା ପଦ ଦୁଇଟି ସମସ୍ତପଦ ।

ପ୍ରଥମ ବାକ୍ୟରେ ନଦୀର ଷଷ୍ଠୀ ବିଭକ୍ତି ଓ କୂଳ ପ୍ରଥମା ବିଭକ୍ତି । ଦ୍ୱିତୀୟ ବାକ୍ୟରେ ପାଠକୁ ଦ୍ୱିତୀୟା ବିଭକ୍ତି ଏବଂ ପଢ଼ା ପଦଟି ପ୍ରଥମା ବିଭକ୍ତି ।

ଅତଏବ—

**ଦ୍ୱିତୀୟା ବିଭକ୍ତିଠାରୁ ସପ୍ତମୀ ବିଭକ୍ତି ପର୍ଯ୍ୟନ୍ତ ଯେ କୌଣସି ବିଭକ୍ତିଯୁକ୍ତ ପଦ ସଙ୍ଗେ ପ୍ରଥମା ବିଭକ୍ତିଯୁକ୍ତ ପଦର ସମାସକୁ ତତ୍ପୁରୁଷ ସମାସ କହନ୍ତି ।**

(କ) ପୂର୍ବପଦରେ ଦ୍ୱିତୀୟା ବିଭକ୍ତିଯୁକ୍ତ ପଦ ସହିତ ସମାସକୁ **ଦ୍ୱିତୀୟାତତ୍ପୁରୁଷ** ସମାସ କହନ୍ତି ।

ଯଥା:—ଗ୍ରାମକୁ ଗତ = ଗ୍ରାମଗତ ।

(ଖ) ପୂର୍ବପଦରେ ତୃତୀୟା ବିଭକ୍ତି ଥାଇ ପ୍ରଥମା ବିଭକ୍ତି ଯୁକ୍ତ ପଦର ସମାସ ହେଲେ ତାହାକୁ **ତୃତୀୟା ତତ୍ପୁରୁଷ** ସମାସ କହନ୍ତି ।

ଯଥା:— କଲମଦ୍ୱାରା ଲେଖା = କଲମଲେଖା ।

(ଗ) ପୂର୍ବପଦର ଚତୁର୍ଥୀ ବିଭକ୍ତିଯୁକ୍ତ ପଦ ସହିତ ପ୍ରଥମା ବିଭକ୍ତିଯୁକ୍ତ ପଦର ସମାସ ହେଲେ ତାହାକୁ **ଚତୁର୍ଥୀ ତତ୍ପୁରୁଷ** ସମାସ କହନ୍ତି ।

ଯଥା :—ଗୁରୁଙ୍କୁ ଦତ୍ତ = ଗୁରୁଦତ୍ତ ।

(ଘ) ପୂର୍ବପଦର ପଞ୍ଚମୀ ବିଭକ୍ତିଯୁକ୍ତ ପଦ ସହିତ ପ୍ରଥମା ବିଭକ୍ତିଯୁକ୍ତ ପଦର ସମାସକୁ **ପଞ୍ଚମୀ ତତ୍ପୁରୁଷ** ସମାସ କହନ୍ତି ।

ଯଥା:—ଆକାଶରୁ ସ୍ଖଳିତ = ଆକାଶସ୍ଖଳିତ ।

(ଙ) ପୂର୍ବପଦର ଷଷ୍ଠୀ ବିଭକ୍ତିଯୁକ୍ତ ପଦ ସହିତ ପ୍ରଥମା ବିଭକ୍ତିଯୁକ୍ତ ପଦର ସମାସକୁ **ଷଷ୍ଠୀ ତତ୍ପୁରୁଷ** ସମାସ କହନ୍ତି ।

ଯଥା:—ନାକର ପୁଡ଼ା=ନାକପୁଡ଼ା ।
ଦଶରଥଙ୍କ ପୁତ୍ର=ଦଶରଥପୁତ୍ର ।

(ଚ) ପୂର୍ବପଦର ସପ୍ତମୀ ବିଭକ୍ତିଯୁକ୍ତ ପଦ ସହିତ ପ୍ରଥମା ବିଭକ୍ତିଯୁକ୍ତ ପଦର ସମାସକୁ **ସପ୍ତମୀ ତତ୍ପୁରୁଷ** ସମାସ କହନ୍ତି ।

ଯଥା:—ନଗରରେ ବାସ = ନଗରବାସ ।

## ପ୍ରଶ୍ନ

୧ । ସମାସବାକ୍ୟ ଲେଖି କଏ କେଉଁ ତତ୍ପୁରୁଷ ଚିହ୍ନାଇ ଦିଅ :—

ତୃଷାତୁର, ହାଣ୍ଡିଦାନ୍ତ, ବନଗତ, ମୁଖସ୍ଖଳିତ, ଧନହୀନ, ମାତୃଦତ୍ତ, ରଜାପୁଅ, ଜଳପତିତ, କ୍ରୀଡ଼ାକୁଶଳ, ଜଳକ୍ରୀଡ଼ା, ତନ୍ତ୍ରବୁଣା, ହସ୍ତକୌଶଳ, ବଣଭୋଜି, ନଈପହଁର, ମନଦୁଃଖ, ଜିହ୍ୱାଲାଳସା, ବୁଟଭଜା, ଆଳୁଚପ୍, ବିଲାତଫେରନ୍ତା ।

୨। ନିମ୍ନଲିଖିତ ପଦଗୁଡ଼ିକୁ ସମାସ କରି ବାକ୍ୟରେ ବ୍ୟବହାର କର :—

ହାତଦ୍ୱାରା ତିଆରି, ଶରଣକୁ ଆଗତ, ଶଯ୍ୟାରେ ପାଗଳ, ଧନରେ ସ୍ପୃହା, ଗ୍ରାମରେ ବାସ, ତନ୍ତଦ୍ୱାରା ବୁଣା, ଦରିଦ୍ରଙ୍କୁ ଅର୍ପିତ, ଗଣିତରେ ପଟୁ, ଜଳରୁ ଜାତ, ପର୍ବତରୁ ସ୍ଖଳିତ, ସୁନାରେ ନିର୍ମିତ, ପୁରୋହିତଙ୍କ ପାଉଣା।

---

## କର୍ମଧାରୟ

୧। ବାଳକଟି ଖଣ୍ଡିଏ **ରଙ୍ଗଶାଢ଼ୀ** ପିନ୍ଧିଛି।

୨। **ନୀଳକଇଁ** ଟିକୁ ଆଣ।

ପ୍ରଥମ ଉଦାହରଣରେ **ରଙ୍ଗ ଅଟେ ଶାଢ଼ୀ** ଏହି ଅର୍ଥରେ **ରଙ୍ଗ** ଏହି ବିଶେଷଣ ପଦଟିର **ଶାଢ଼ୀ** ଏହି ବିଶେଷ୍ୟ ପଦ ସହିତ ସମାସ ହୋଇଛି।

ଦ୍ୱିତୀୟ ଉଦାହରଣରେ **ନୀଳ ଅଟେ କଇଁ** ଏହି ଅର୍ଥରେ **ନୀଳ** ଏହି ବିଶେଷଣ ପଦଟିର **କଇଁ** ଏହି ବିଶେଷ୍ୟ ପଦ ସହିତ ସମାସ ହୋଇଛି।

ଅତଏବ—

**ବିଶେଷଣ ଓ ବିଶେଷ୍ୟ ପଦର ସମାସକୁ କର୍ମଧାରୟ ସମାସ କହନ୍ତି।**

## ପ୍ରଶ୍ନ

୧ । ତଳେ ଦିଆଯାଇଥିବା ଦୁଇ ଦୁଇଟି ପଦକୁ ଗୋଟିଏ ଗୋଟିଏ ସମସ୍ତପଦରେ ପରିଣତ କରି ବାକ୍ୟରେ ବ୍ୟବହାର କର:—

ନାହିଁ ଲୋଭ ଯାହାର, ଦତ୍ତପୁତ୍ର ଯାହାକୁ, ନାହିଁ ଧନ ଯାହାର, ବୀଣା ପାଣିରେ ଯାହାର ।

ନୂଆ (ଅଟେ) ଲୁଗା, ମହାନ୍ ଜନ, ସତ୍ ଶିକ୍ଷା, କୁସଂସ୍କାର, ମନ୍ଦ କଥା, ନିର୍ମଳ ଆକାଶ, ଉଜ୍ଜ୍ୱଳ ତାରା, ଚିରା ଲୁଗା, ବୁଦ୍ଧିମାନ୍ ଲୋକ ।

୨ । ସମାସବାକ୍ୟ ଲେଖ :—

ନିଷ୍ଠୁରବଧୂ, କଣାଗୁଳକର, ବନ୍ୟପଦାର୍ଥ, ମହାଧନ, ସୁନ୍ଦରୀ-ବାଳିକା, ଖୁସିମନ, ଦ୍ରୁତବେଗ, ଧଳାଫୁଲ, ଖଳଲୋକ, ଟେରାଆଖିଆ, ଚେଙ୍ଗେଇଗୋଡ଼ୀ, ଚନ୍ଦ୍ରଶେଖର, ନବ୍ଜୁଳିଆ, ଧର୍ମପରାୟଣ, ମହାବାହୁ, ଚପଳମତି ।

---

## ଦ୍ୱିଗୁ

୧ । **ତ୍ରିଫଳା** ହିତକାରକ ।

୨ । ଶହେ ବର୍ଷକୁ **ଶତାବ୍ଦୀ** କହନ୍ତି ।

ପ୍ରଥମ ବାକ୍ୟରେ **ତିନି ଫଳର ସମାହାର** ଏହି ଅର୍ଥରେ 'ତ୍ରିଫଳା' ପଦଟି ବ୍ୟବହୃତ ଏବଂ ଦ୍ୱିତୀୟ ବାକ୍ୟରେ **ଶତ ଅବ୍ଦର ସମାହାର** ଏହି ଅର୍ଥରେ 'ଶତାବ୍ଦୀ' ଶବ୍ଦ ବ୍ୟବହୃତ ହୋଇଅଛି ।

ଅତଏବ—

**ପୂର୍ବପଦ ସଂଖ୍ୟାବାଚକ ବିଶେଷ୍ୟ ହୋଇ ସମଷ୍ଟି ଅର୍ଥରେ ଯେଉଁ ସମାସ ହୁଏ, ତାହାକୁ ଦ୍ୱିଗୁ ସମାସ କହନ୍ତି ।**

## ପ୍ରଶ୍ନ

୧ । ସମାସବାକ୍ୟ ଲେଖ :—
ପଞ୍ଚପାତ୍ର, ତ୍ରିବେଣୀ, ପଞ୍ଚନଦ, ସପ୍ତାହ, ସପ୍ତଶତୀ ।

୨ । କର୍ମଧାରୟ ସମାସ ଏବଂ ଦ୍ୱିଗୁ ସମାସ ମଧ୍ୟରେ କି ପାର୍ଥକ୍ୟ ରହିଛି, ଉଦାହରଣ ସହ ବୁଝାଇଦିଅ ।

---

# ବହୁବ୍ରୀହି

୧ । **ବୀଣାପାଣୀ**ଙ୍କୁ ପୂଜା କର ।

୨ । **ଲମ୍ବୋଦର** ବିଘ୍ନ ଦୂର କରନ୍ତୁ ।

ପ୍ରଥମ ଉଦାହରଣରେ **ବୀଣା ପାଣିରେ ଯାହାର** ଏହି ଅର୍ଥରେ **ବୀଣାପାଣୀ** ପଦ ବ୍ୟବହୃତ ହୋଇ ସରସ୍ୱତୀଙ୍କୁ ବୁଝାଏ ଏବଂ ଦ୍ୱିତୀୟ ଉଦାହରଣରେ **ଲମ୍ବ ଉଦର ଯାହାଙ୍କର** ଏହି ଅର୍ଥରେ **ଲମ୍ବୋଦର** ପଦ ଗଣେଶଙ୍କୁ ବୁଝାଉଅଛି ।

ଅତଏବ –

**ସମାସନିଷ୍ପନ୍ନ ପଦ ସମାସ ବାକ୍ୟର ଅନ୍ତର୍ଗତ ପଦଗୁଡ଼ିକୁ ନ ବୁଝାଇ ଅନ୍ୟ ପଦର ଅର୍ଥକୁ ବୁଝାଇଲେ ତାହାକୁ ବହୁବ୍ରୀହି ସମାସ କହନ୍ତି ।**

## ପ୍ରଶ୍ନ

୧ । ସମାସବାକ୍ୟ ଲେଖ:—

ତରଳମତି, ନିର୍ଦ୍ଧନ, ନତପଦ, ଉଚ୍ଚମନା, ଊର୍ଦ୍ଧ୍ୱବାହୁ, ଦଣ୍ଡପାଣି, ଜିତେନ୍ଦ୍ରିୟ, ପୀତାମ୍ବର, ଶୁଆନାକା, ବଣିବେକା ।

୨ । ସମସ୍ତପଦ ଲେଖ :—

ନାହିଁ ଉପାୟ ଯାହାର, କୁସୁମ ହାତରେ ଯାହାର, ବିଗତ ଧବ ଯେଉଁ ସ୍ତ୍ରୀର, ନାହିଁ ବୁଦ୍ଧି ଯାହାର, ସଫଳ କାମ ଯାହାର, ଛିନ୍ନ ହସ୍ତରେ ଯାହାର ।

---

## ଦ୍ୱନ୍ଦ୍ୱ

୧ । **କାଗଜକଲମ** କିଣ ।

୨ । **ରାମଲକ୍ଷ୍ମଣସୀତା** ବନକୁ ଯାଇଥିଲେ ।

ପ୍ରଥମ ଉଦାହରଣରେ **କାଗଜ** ଓ **କଲମ** ଏହି ଅର୍ଥରେ **କାଗଜକଲମ** ପଦଟି ବ୍ୟବହୃତ ହୋଇଛି; ଦ୍ୱିତୀୟ ଉଦାହରଣରେ **ରାମ** ଓ **ଲକ୍ଷ୍ମଣ** ଓ **ସୀତା** ଏହି ଅର୍ଥରେ **ରାମଲକ୍ଷ୍ମଣସୀତା** ପଦଟି ବ୍ୟବହୃତ ହୋଇଅଛି ।

ଅତଏବ—

**ଦୁଇ ବା ତହିଁରୁ ଅଧିକ ବିଶେଷ୍ୟ ଏବଂ ବିଶେଷଣ ପଦର ସମାସକୁ ଦ୍ୱନ୍ଦ୍ୱ ସମାସ କହନ୍ତି ।**

## ପ୍ରଶ୍ନ

୧ । ସମାସ କର:—

ଧନ ଓ ଜନ, ଘୋଡ଼ା ଓ ହାତୀ, ଶାଗ ଓ ଶୁଆ, ଧାନ ଓ ଚାଉଳ ଓ ମୁଗ, ଇତିହାସ ଓ ଭୂଗୋଳ ଓ ଗଣିତ, ପିତା ଓ ପୁତ୍ର, ଧଳା ଓ କଳା, ଭଲ ଓ ମନ୍ଦ ।

୨ । ସମାସବାକ୍ୟ ଲେଖ:—

ଦେବଦେବୀ, ନଦନଦୀ, ଗୋଡ଼ମାଟି, ଯୁଧିଷ୍ଠିରଭୀମାର୍ଜୁନ-ନକୁଳସହଦେବ, ଓଡ଼ିଆ-ବଙ୍ଗାଳୀ-ପଞ୍ଜାବୀ, କୁଶଲବ, ଚନ୍ଦ୍ରଚୂଳାଭରଣ, ବ୍ରାହ୍ମଣକରଣ ।

# ପରିଶିଷ୍ଟ

## ଶବ୍ଦ

ଶବ୍ଦ ଦୁଇ ପ୍ରକାର — **ଧ୍ୱନି ଓ ବର୍ଣ୍ଣ:—**

ମୃଦଙ୍ଗ, ଭେରୀ ଓ ହାରମୋନିୟମ ପ୍ରଭୃତିରୁ ଯେଉଁ ଶବ୍ଦ ବାହାରେ, ତାକୁ ସବୁ **ଧ୍ୱନି ଶବ୍ଦ** କୁହାଯାଏ । କିନ୍ତୁ ଗୋଟିଏ ବର୍ଣ୍ଣ ବା ଗୋଟିକରୁ ଅଧିକ ବର୍ଣ୍ଣ ମିଶି କୌଣସି ଅର୍ଥ ପ୍ରକାଶିତ ହେଲେ ସେଗୁଡ଼ିକୁ **ବର୍ଣ୍ଣ ଶବ୍ଦ** କୁହାଯାଏ ।

## ପଦ

**ବର୍ଣ୍ଣ ଶବ୍ଦରେ ବିଭକ୍ତି-ଯୁକ୍ତହୋଇ ବାକ୍ୟରେ ବ୍ୟବହୃତ ହେଲେ ତାହାକୁ ପଦ କହନ୍ତି ।**

ଆମ ଓଡ଼ିଆ ଭାଷାରେ ଯେତେଗୁଡ଼ିଏ ଶବ୍ଦ ବ୍ୟବହୃତ ହୁଏ, ସେ ସବୁ ଖାଣ୍ଟି ଓଡ଼ିଆ ଶବ୍ଦ ନୁହେ । ଏଥିରେ ବିଭିନ୍ନ ଭାଷାର ଶବ୍ଦ ମିଶିଛି ।

ଆମ ଭାରତର ବିଭିନ୍ନ ଭାଷାର ମୂଳଭାଷା ସଂସ୍କୃତ । ସେଥିରୁ କେତେକ ଶବ୍ଦ ଆମ ଭାଷାରେ ଅବିକଳ ଭାବରେ ବ୍ୟବହୃତ ହୁଏ । ସେଗୁଡ଼ିକୁ **ତତ୍‌ସମ୍ ଶବ୍ଦ** କହନ୍ତି । କେତେକ ସଂସ୍କୃତ ଶବ୍ଦ ପରିବର୍ତ୍ତିତ ହୋଇ ଅନ୍ୟ ଆକାରରେ ବ୍ୟବହୃତ ହୁଅନ୍ତି । ସେଗୁଡ଼ିକୁ **ତଦ୍ଭବ ଶବ୍ଦ** କହନ୍ତି । କେତେ ବିଦେଶୀ ଭାଷା (ଇଂରାଜୀ, ପାର୍ସୀ, ଆରବୀ ପ୍ରଭୃତି) ରୁ କେତେକ ଶବ୍ଦ ଆମ ଭାଷାରେ ଚଳେ । ସେଗୁଡ଼ିକୁ **ବୈଦେଶିକ ଶବ୍ଦ** କହନ୍ତି । ଏହା ବ୍ୟତୀତ କେତେକ **ଦେଶଜ ଶବ୍ଦର** ବ୍ୟବହାର ମଧ୍ୟ ଦେଖାଯାଏ ।

**ଶବ୍ଦ ଚାରି ପ୍ରକାର:—**

୧ । ତତ୍ସମ୍—ଯଥା:—ଦେବତା, ନଗର, ଗୁଣୀ ଇତ୍ୟାଦି ।

୨ । ତଦ୍ଭବ—ଯଥା:—ମହୁ (ମଧୁ), ଦେଈ (ଦେବୀ), ପୁଅ (ପୁତ୍ର) ଇତ୍ୟାଦି ।

୩ । ବୈଦେଶିକ—ଯଥା:—ଟେବୁଲ, ଗ୍ଲାସ୍, କଚେରି, ଦୋସ୍ତ ।

୪ । ଦେଶଜ—ଯଥା:—ଡିଙ୍କି, ଗୋରୁ, ଲୁଗା ଇତ୍ୟାଦି ।

## ବିପରୀତାର୍ଥବୋଧକ ଶବ୍ଦ

ଭାଷାରେ କେତେଗୁଡ଼ିଏ ଶବ୍ଦ ପ୍ରଚଳିତ ହୁଏ । ସେଗୁଡ଼ିକର ବିପରୀତ ଅର୍ଥକୁ ବୁଝାଇବା ଶବ୍ଦଗୁଡ଼ିକୁ **ବିପରୀତାର୍ଥବୋଧକ ଶବ୍ଦ** କହନ୍ତି । ଯଥା:—ଦିନ—ରାତି, ସକାଳ—ସନ୍ଧ୍ୟା ଇତ୍ୟାଦି ।

## ଭିନ୍ନ ଶବ୍ଦ ଦ୍ୱାରା ବ୍ୟବହୃତ

ଦିନ—ରାତି
ସଞ୍ଜ—ସକାଳ
ସୁଖ—ଦୁଃଖ
ଅଳ୍ପ—ବହୁତ
କଳା—ଧଳା
ଗୁରୁ—ଲଘୁ
ଆଗ—ପଛ
ପୁରସ୍କାର—ତିରସ୍କାର
ଆଲୁଅ—ଅନ୍ଧାର
ଉଚ୍ଚ—ନୀଚ
ସବଳ—ଦୁର୍ବଳ
ପଣ୍ଡିତ—ମୂର୍ଖ
ଧନୀ—ଗରିବ
ମାନ—ଅପମାନ
ସଂପଦ—ବିପଦ
ପାପ—ପୁଣ୍ୟ
ଲୋଭୀ—ନିର୍ଲୋଭ
ଜଳ—ସ୍ଥଳ
ଧୀର—ଚଞ୍ଚଳ
ଭଲ—ମନ୍ଦ
ଲାଭ—କ୍ଷତି
ଆକାଶ—ପାତାଳ
ତରଳ—ଘନ

## ଉପସର୍ଗ ଯୋଗରେ

ଘାତ — ପ୍ରତିଘାତ
ପକ୍ଷ — ପ୍ରତିପକ୍ଷ
ଉନ୍ନତ — ଅବନତ
ପ୍ରତ୍ୟକ୍ଷ — ପରୋକ୍ଷ
ଉତ୍କର୍ଷ — ଅପକର୍ଷ
ଆରୋହଣ — ଅବରୋହଣ
ଦାନ — ପ୍ରତିଦାନ
ସମ — ବିଷମ
ଆସ୍ତ — ବ୍ୟସ୍ତ
ଆବିର୍ଭାବ — ତିରୋଭାବ
ଉପକାର — ଅପକାର

## ଯୁଗ ଶବ୍ଦ

ଭାଷାରେ ଦୁଇ ଦୁଇଟି ଶବ୍ଦ ମିଶି ବ୍ୟବହୃତ ହେବାର ଦେଖାଯାଏ । ସେଗୁଡ଼ିକ ଭାଷାରେ ଯେପରି ଚଳୁଛି ସେହିପରି ରଖିବାକୁ ହୁଏ । ତାହା ନ ହେଲେ ଭୁଲ ବୋଲି ଧରାଯାଏ ।

| | | |
|---|---|---|
| ଭଲ — ମନ୍ଦ | ଆସ୍ତ — ବ୍ୟସ୍ତ | ଆଗ — ପଛ |
| ଏପଟ — ସେପଟ | ବାଟ — ଘାଟ | କଥା — ଲଥା |
| ଖାଲ — ଢିପ | ପର — ଆପଣା | ହିଆ — ନିଆ |
| ହିକା — କଣା | ଦୋଷ — ଗୁଣ | ସୁଖ — ଦୁଃଖ |
| ଦାନା — କନା | ଦେଶ — ବିଦେଶ | ରଜା — ପ୍ରଜା |
| ଜଣେ — ହିଜଣ | ଦୁଇ — ଚାରି | ପାଞ୍ଚ — ସାତ |
| ଦଶ — ବାର | ନଅ — ଛଅ | ପଚିଶ — ଷାଠିଏ |

## ଆପେକ୍ଷିକ ଶବ୍ଦ

| | | |
|---|---|---|
| ଘରଦ୍ୱାର | ଖିଆପିଆ | ହେହମୁଣ୍ଡ |
| ହେହପା | ଲୁଗାପଟା | ପାଠଶାଠ |
| ବୃକ୍ଷବାସ | ଶୁଖାସୁଖା | ହିଅ ହେଉଳ |

## ଏକା ଅର୍ଥ ବୁଝାଉଥିବା ଶବ୍ଦ

| | | |
|---|---|---|
| ଗଢ଼ଣଗଢ଼ | ଗୃହଚଳନ | ଡାକହାକ |
| ଟଙ୍କାକଉଡ଼ି | ଲୁଗାପଟା | ଶୋଧାଶୋଧି |
| ଧନରତ୍ନ | ଧରପଗଡ଼ | ଜୋରଜୁଲମ |

## ଅର୍ଥହୀନ ଶବ୍ଦଯୋଗରେ

| | | |
|---|---|---|
| ପାଖଆଖ | ଥରହର | ସଫାସୁତୁରା |
| ବେଠିକାଠ | ପିଲ୍‌ଝିଲ | ପେଟପାଟଣା |

## ପ୍ରଶ୍ନ

୧ । ନିମ୍ନଲିଖିତ ଶବ୍ଦମାନଙ୍କର ବିପରୀତାର୍ଥ ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କର :—

କଞ୍ଚା, ସରଦ, ନିର୍ଦ୍ଧନ, ମଇଳା, ଅନ୍ତର, ଭଙ୍ଗା, ଗେଡ଼ା, ବିଷ, ପ୍ରାଚ୍ୟ, ବାହାର, ସମାସ, ଗୁରୁ ।

୨ । ଯୁଗ୍ମ ଶବ୍ଦଗୁଡ଼ିକରେ ଥିବା ଭୁଲ ସଂଶୋଧନ କର :—
ଆସ୍ଥୂଳଭ, ଆୟୂଖର୍ଚ୍ଚ, ଯୁଦ୍ଧ ସେପଟୁ, ଦାଆଆଣ, ଖାଲ-ଉପର, ବୁଝାଲେଖା, ପାଠଶାଠ ।

## ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ଶବ୍ଦ

ଅମାର – କୋଠି, ଧାନ ଭଣ୍ଡାର
ଅକଲ – ବୁଦ୍ଧି
ଅଟେଇ – ଘେର ଭିତରେ ଥିବା ଅଳ୍ପ ସ୍ଥାନ
ଅଖାଲ – ଜାହାଜ ଓ ନୌକାର ପାଲ

ଆକଟ—ଶାସନ

ଆଉଞ୍ଚ—କାମ

କଢ଼ାଣ—ଜମିରେ ପଡ଼ିଥିଲା ବୃକ୍ଷ

କଦର—କୌଶଳ

କରଡ଼ - ବାଉଁଶ ଗଜା

କାଇଲ୍—ଦୋଷ

କୋରଟ—ଛାଲ ବାଦୁଙ୍ଗାର ପେଟପାଖ ବକଲ

ଖାଲୋଇ—ମାଛ ଧରି ରଖିବାର ଥଳି

ଛନକା—ଭସ୍ମ

ଛେଉଣ୍ଡ—ପିତୃମାତୃହୀନ ଶିଶୁ

ଝୁଟୁକା—ଚେରମୂଳ ଔଷଧ

ଢମ—ବଡ଼ାଇ

ପେଣ୍ଠ—କାରବାରର କେନ୍ଦ୍ରସ୍ଥଳ

## ପ୍ରଶ୍ନ

୧ । ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କର:—

ବରଡ଼ା, ଟିକାଠିଆ, ମାରୁ, ଠଣା, ଥୋପ, ଖାର, ଘାବଗ, ଡାଟକା, ଅନ୍ତର, ଝୋଲ, ଝଲ, ନିପଟ, ଟାଉଟର, ଫରଚ୍ଛ ।

## ପ୍ରାୟ ସମାନ ଉଚ୍ଚାରିତ ଶବ୍ଦସମୂହ

କେତେ ଶବ୍ଦ ଆକାର ଓ ଉଚ୍ଚାରଣରେ ସମାନ ହେଲେ ମଧ୍ୟ ସେମାନଙ୍କର ଭିନ୍ନ ଭିନ୍ନ ଅର୍ଥ ଦେଖାଯାଏ ।

| | |
|---|---|
| ଅଂଶ – ଭାଗ | ଈଶ—ଶିବ |
| ଅଂସ—କାନ୍ଧ | ଈଷ—ଲଙ୍ଗଳ ଦଣ୍ଡ |
| ଅନ୍ନ—ଖାଦ୍ୟ | କୁଳ—ବଂଶ |
| ଅର୍ଣ୍ଣ—ଜଳ | କୂଳ—ତୀର |
| ଆବୃତ—ଘୋଡ଼ଆ ହୋଇ ରଖା ଯାଇଥିବା | ଗୁଣି—ଚନ୍ଦ୍ରବିଦ୍ୟା |
| ଆବୃତ୍ତ—ଅଭ୍ୟସ୍ତ | ଗୁଣୀ—ଗୁଣବାନ୍ ଲୋକ |
| ଇତ—ଶେଷ | ଜସର— ବହୁ ପୁରୁଣା |
| ଈତି—ଈତିଭୟ (ଉପଦ୍ରବ) | ଜୋଷର—ଟଣାଟଣି |
| ଉଟକା—ସଜ | ଚରିତ--ଜୀବନୀ |
| ଓାଟକା—ଗୁନ୍ଥଆ | ଚରିତ୍ର—ସ୍ୱଭାବ |
| ନତି—ସବୃନ୍ଦନ | ଦିନ—ଦିବସ |
| ମତି—ନିୟମ | ଦୀନ—ଗରିବ |
| ମାଗଣ—ଗୃନ୍ଦା | ପାଳ—କୁଟା |
| ମାଗଣା—ବିନାମୂଲ୍ୟରେ ଲଭ କରସିବା ଜନତ | ପାଲ—ଜାହାଜର ପାଲ |
| | ସ୍କନ୍ଦ—କାର୍ତ୍ତିକେୟ |
| | ସ୍କନ୍ଧ—କାନ୍ଧ |

## ପ୍ରଶ୍ନ

୧ । ଅର୍ଥଗତ ଭେଦ ଦେଖାଇ ବାକ୍ୟରେ ବ୍ୟବହାର କର :—

ଦ୍ରୁତ, ସ୍ଫୁଟ; ଆବିଷ୍କାର, ଉଦ୍ଭାବନ; ଶର, ସର; ପାଣିଆ, ପାଣିଚଆ; କୁଳ, କୁଳେଇ; ମଳା, ମଲ୍ଲ; ପାଳ, ପାଲ ।

# ରୁଢ଼ ପ୍ରୟୋଗ

ଭାଷାରେ ପଦ ବା କେତେକ ପଦସମଷ୍ଟି ମିଶି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥ ବୁଝାଇଥାନ୍ତି । ସେଗୁଡ଼ିକୁ **ରୂଢ଼ ପ୍ରୟୋଗ** କୁହାଯାଏ ।

ଅକଲସଲାମି—ଜୋରିମାନା ।

ମୋତେ ଏଥିକୁ ଅକଲସଲାମି ଦେବାକୁ ପଡ଼ିଲା ।

ଅନ୍ଧବୁଝାମଣା—ଅନ୍ୟାୟ ବିଚାର ।

ରାଜାଙ୍କର ଅନ୍ଧବୁଝାମଣାରେ ପ୍ରଜାମାନେ ଭୟଭୀତ ହେଲେ ।

ଓଳଆରୁ ଗଜା—ଜନ୍ମରୁ ଚାଲାଖ ।

ଆଜକାଲି ପିଲେ ତ ଓଳଆରୁ ଗଜା, ତାଙ୍କୁ କଅଣ ଶିଖାଇବ ?

କଳାକାଠ—ଶୁଖିଲା ଦିଶିବା ।

ସାର୍ ରାଗିବାରୁ ଅଶୋକ କଳାକାଠ ପଡ଼ିଗଲା ।

## ପ୍ରଶ୍ନ

୧—ବାକ୍ୟରେ ବ୍ୟବହାର କର ।

ଛାତିରୁ ଶିରା କାଢ଼ିବା, ଦାନ୍ତ ନିକୁଟିବା, ଆଖି ଦେଖାଇବା, ମୁଣ୍ଡ ନାଡ଼ିବା, ଦାଉ ସାଧିବା, ପିଠି ଗଲୁକରିବା, ଗଇ ଖୋଳିବା, ନାଗସାପ ଲାଙ୍ଗୁଡ଼ରେ କାନ କୁଣ୍ଡାଇବା ।

---

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ଉଦୟନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ମୁଦ୍ରିତ,
୧୯୫୭